

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୨ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 December 2025
Vol.No. 36 ■ No.327 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଟ୍ରମ୍ପଙ୍କ ପରେ ଭାରତ ଉପରେ ୫୦% ଟାରିଫ ଲଗାଇଲା ମେକ୍ସିକୋ

ନୂଆଦିଲ୍ଲୀ,୧୧/୧୨ : ଭାରତୀୟ ଦ୍ରବ୍ୟ ଉପରେ ଆମେରିକାର ଆକାଶ ଛୁଆଁ ୫୦% ଟାରିଫ ନୀତିକୁ ଅନୁସରଣ କରିଛି ଆଉ ଗୋଟିଏ ଦେଶ । ଆମେରିକା ଭଳି ଭାରତ ବିରୋଧରେ ମୋର୍ଚ୍ଚା ଖୋଲିଛି ମେକ୍ସିକୋ। ବିଶ୍ୱରେ ଏବେ ବାଣିଜ୍ୟ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତ ବିରୋଧରେ ବଡ଼ ପଦକ୍ଷେପ ନେଇଛି ମେକ୍ସିକୋ। ବୁଧବାର ମେକ୍ସିକୋ ସଂସଦ ଭାରତ ବିରୋଧୀ ପଦକ୍ଷେପ ଉପରେ ମୋହର ମାରିଛି। ଭାରତ, ଚାଇନା ସମେତ ଏକାଧିକ ଏସିଆ ରାଷ୍ଟ୍ରର ସାମଗ୍ରୀ ଉପରେ ୫୦% ଟାରିଫ ଲାଗୁ କରିବାକୁ ଘୋଷଣା କରିଛି ମେକ୍ସିକୋ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ମେକ୍ସିକୋ ଏପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ମେକ୍ସିକୋ ସଂସଦର ନିଷ୍ପତ୍ତି ଅନୁଯାୟୀ, ଭାରତରୁ ଆମଦାନୀ ହେଉଥିବା ଜିନିଷ ଉପରେ ୫୦% ଟାରିଫ ଲାଗିବ। ଏହି ବର୍ଦ୍ଧିତ ଟାରିଫ ନିୟମ ୨୦୨୬ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ। ଅଟୋ ମୋବାଇଲ, ଅଟୋ ମୋବାଇଲ ସାମଗ୍ରୀ, ଟେକ୍ସଟାଇଲ, ପ୍ଲାଷ୍ଟିକ ଓ ଷ୍ଟିଲ ଭଳି ଜିନିଷ ଉପରେ ଟାରିଫ ଲାଗୁ ହେବ। ମେକ୍ସିକୋ ସହ ଯେଉଁ ସବୁ ଦେଶର ବାଣିଜ୍ୟ ଡିଲ ଚୂଡ଼ାନ୍ତ ହୋଇନାହିଁ, ସେମାନଙ୍କ ଉପରେ ଏପରି ଟାରିଫ ଲାଗୁ କରାଯିବ। ଏହାର ଅର୍ଥ ଭାରତ, ଚାଇନା, ଦକ୍ଷିଣ କୋରିଆ, ଥାଇଲ୍ୟାଣ୍ଡ ଓ ଇଣ୍ଡୋନେସିଆ ଭଳି ଦେଶ ଏହା ଦ୍ୱାରା ପ୍ରଭାବିତ ହେବେ। ଟାରିଫ ଲାଗୁ କରି ମେକ୍ସିକୋ ଅତିରିକ୍ତ ଭାବେ ବର୍ଷକୁ ୩,୭୬ ବିଲିୟନ ଡଲାର ବା ୩୩,୯୧୦ କୋଟି ଟଙ୍କାର ରାଜସ୍ୱ ହାସଲ ପାଇଁ ଲକ୍ଷ୍ୟ ରଖିଛି। ଟ୍ରମ୍ପଙ୍କ ଭଳି ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ ମଧ୍ୟ ଘରୋଇ ଉତ୍ପାଦନକୁ ବଳ ଦେବା କଥା କହି ଚାଲିଛନ୍ତି। ଖାସ ଏହି କାରଣ ପାଇଁ ସେ ଟାରିଫ ଲାଗୁ କରିଥିବା ସଫେଇ ଦେଇଛନ୍ତି। କିନ୍ତୁ ବିଶେଷଜ୍ଞଙ୍କ କହିବା କଥା ଯେ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ମେକ୍ସିକୋ ଏପରି ପଦକ୍ଷେପ ନେଇଛି। ଟ୍ରମ୍ପ ଖୁବଶୀଘ୍ର ଆମେରିକା-ମେକ୍ସିକୋ-କାନାଡା ବାଣିଜ୍ୟ ଚୁକ୍ତିର ସମୀକ୍ଷା କରିବେ। ମେକ୍ସିକୋର ସବୁଠାରୁ ବଡ଼ ବାଣିଜ୍ୟ ପାର୍ଟନର ହେଉଛି ଆମେରିକା। ତେଣୁ ଆମେରିକାକୁ ଖୁସି କରିବା ପାଇଁ ମେକ୍ସିକୋ ପକ୍ଷରୁ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ଟାରିଫ ଲାଗୁ କରାଯାଇଛି।





## ଦିବ୍ୟାଙ୍ଗଙ୍କ ପାଇଁ ସହଜ ହେବ ଜଗା ଦର୍ଶନ: ଶ୍ରୀମନ୍ଦିରରେ ନିର୍ମାଣ ହୋଇଛି ସ୍ୱତନ୍ତ୍ର ରାମ୍ପ୍

ପୁରୀ, ୧୧/୧୨ (ନି.ପ୍ର): ଏଣିକି ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କୁ ମିଳିବ ସ୍ୱତନ୍ତ୍ର ଦର୍ଶନ ସୁବିଧା । ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ଆସିବ ସ୍ୱତନ୍ତ୍ର ମାର୍ଗଦର୍ଶିକା । ପ୍ରସ୍ତାବିତ ମାର୍ଗଦର୍ଶିକା ଆଗାମୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଉପସ୍ଥାପନ କରାଯାଇ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । କାଳିଆ ସାଆନ୍ତଙ୍କ ପାଖେ ସମାନ ସବୁ ଭକ୍ତ । ଧନୀ, ଗରିବ, ଉଚ୍ଚନୀଚ କୌଣସି ପ୍ରଭେଦ ଦେଖେନି କାଳିଆ । ସମସ୍ତଙ୍କୁ ଦେଇଥାଏ ଦର୍ଶନ । ଦିବ୍ୟାଙ୍ଗ ବା କେମିତି ବାଦ୍ ପଡ଼ନ୍ତେ ଦର୍ଶନରୁ । ଖୁବ୍‌ଶୀଘ୍ର ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିରରେ ସହଜରେ ଶ୍ରୀଜିଉଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ । ଶ୍ରୀମନ୍ଦିର ଉତ୍ତର ଦ୍ୱାର କୁର୍ମବେଢ଼ା ଠାରୁ ସ୍ୱତନ୍ତ୍ର ରାମ୍ପ ହୋଇଥିବା ବେଳେ ଏଥିଲାଗି ଖୁବ୍‌ଶୀଘ୍ର ଆସିବ ସ୍ୱତନ୍ତ୍ର ମାର୍ଗଦର୍ଶିକା । ଆଗାମୀ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକରେ ଏସ୍‌ଓପି ଉପସ୍ଥାପନ କରାଯାଇ ପରିଚାଳନା କମିଟିଙ୍କ ଅନୁମୋଦନ କ୍ରମେ ଏହାକୁ କାର୍ଯ୍ୟକାରୀ କରାଯିବ । ଦିବ୍ୟାଙ୍ଗମାନେ ରାମ୍ପ ଉପରେ ଯାଇ ବାହାର କାଠ ନିକଟରୁ ଶ୍ରୀଜିଉଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ ।

▶▶ପୃଷ୍ଠା ୭

## ମାଲକାନଗିରିରେ ପୁଣି ୧୨ ଘଣ୍ଟା ବଢ଼ିଲା ଇଣ୍ଟରନେଟ୍ କଟକଣା

ମାଲକାନଗିରି, ୧୧/୧୨ (ନି.ପ୍ର): ମାଲକାନଗିରିଜିଲ୍ଲା ପ୍ରଶାସନ ଗୁରୁବାର ଦିନ ଜିଲ୍ଲାରେ ସୋସିଆଲ ମିଡିଆ ଦ୍ୱାରା ହିଂସା ବ୍ୟାପିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଇଣ୍ଟରନେଟ୍ ବ୍ୟାନ୍‌କୁ ପୁଣି ୧୨ ଘଣ୍ଟା ପାଇଁ ବୃଦ୍ଧି କରିଛନ୍ତି। ଯାହା ଦ୍ୱାରା ଡିସେମ୍ବର ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି କଟକଣା ଦ୍ୱାରା ହ୍ୱାଟସଆପ୍, ଫେସବୁକ୍ ଏବଂ ଏକ୍ସ ଭଳି ପ୍ଲାଟଫର୍ମଗୁଡ଼ିକ ଅଚଳ ରହିବ। ଜିଲ୍ଲାର ସମ୍ବେଦନଶୀଳ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ଏହି କଟକଣାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖାଯାଇଛି। ଏହା ଦ୍ୱାରା କ୍ରମାଗତ ଚତୁର୍ଥ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସମୟସୀମା ବୃଦ୍ଧି। ଡିସେମ୍ବର ୮ ତାରିଖରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ଅବରୋଧ କରାଯାଇଥିଲା, ପରେ ଡିସେମ୍ବର ୯ ତାରିଖରେ ୧୮ ଘଣ୍ଟା ବୃଦ୍ଧି କରାଯାଇଥିଲା। ପୁଣିଥରେ, ଡିସେମ୍ବର ୧୦ ତାରିଖରେ ଏହାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରାଯାଇଥିଲା।

▶▶ପୃଷ୍ଠା ୭

## କଙ୍ଗାରୁ କୋର୍ଟ ନେଇ ଆଇନ ମନ୍ତ୍ରୀଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ବାଲେଶ୍ୱର ଓ କଳାହାଣ୍ଡିରେ କଙ୍ଗାରୁ କୋର୍ଟ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦବେଗ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ରାଜ୍ୟରେ ଯେଉଁଠି ଯେଉଁଠି ଏଭଳି ଘଟଣା ଘଟୁଛି, ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅଛି ଏବଂ ଡିଜି ପୋଲିସ ମଧ୍ୟ ତତ୍ପର ଅଛନ୍ତି, ତୁରନ୍ତ ଆକ୍ସନ ନିଆଯିବ। ଯେକୌଣସି ଗାଁରେ ଯେତେ ପ୍ରଭାବଶାଳୀ ଲୋକ ହୁଅନ୍ତୁ ନା କାହିଁକି କଙ୍ଗାରୁ କୋର୍ଟ କଲେ କିମ୍ବା ଆଇନ ହାତକୁ ନେଲେ ନିଶ୍ଚିତ ଦଣ୍ଡ ପାଇବେ । ଆମ ସରକାରରେ ସେମାନଙ୍କୁ ଛାଡ଼ ନାହିଁ।

କଙ୍ଗାରୁକୋର୍ଟ ଭଳି ପୁରୁଣା ମାନସିକତା ଏ ପର୍ଯ୍ୟନ୍ତ କିଛି ଲୋକଙ୍କର ଛାଡ଼ିନି । ଏହା ଅଭାବନୀୟ ଘଟଣା । ବ୍ରହ୍ମଗିରି ଅଂଚଳର ଏକ ଘଟଣା ମୋ ନଜରକୁ ଆସିଛି । ଏକ ଘରକିଆ କରିବା, ଅତ୍ୟାଚାର କରିବା ଏବଂ ଆଇନ ହାତକୁ ନେବା ଗ୍ରହଣୀୟ ନୁହେଁ । ଘଟଣା ନଜରକୁ ଆସିବା ପରେ ଏସପି ଏବଂ ଡ଼ିଆଇଜିଙ୍କ ସହିତ ଆଲୋଚନା କରିଛି, ସେମାନେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

## ଓପିଏସ୍‌ସି ପରୀକ୍ଷାରେ ଦୁର୍ନୀତି: ଜାଲ ପ୍ରମାଣପତ୍ର ଓ ବିନା ଗେଟ୍‌ରେ ନିଯୁକ୍ତି

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଓପିଏସସି ଦ୍ୱାରା ପରିଚାଳିତ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦରେ ଜାଲିଆତି ଅଭିଯୋଗ ଆଣିଛନ୍ତି କିଛି ଆଶାୟୀ । ଏନେଇ ସେମାନେ ତଥ୍ୟ ଓ ପ୍ରମାଣ ରଖି ନିଯୁକ୍ତି ବାତିଲ କରିବାକୁ ଦାବି କରିଛନ୍ତି । ଜଳସମ୍ପଦ, ପୂର୍ତ୍ତ, ଗୃହ ଓ ନଗରର ଉନ୍ନୟନ ବିଭାଗ ପାଇଁ ଯନ୍ତ୍ରୀ ପଦବୀରେ ଏଭଳି ଦୁର୍ନୀତି ଅଭିଯୋଗ ଆସିଛି । ଓପିଏସସି ଦ୍ୱାରା ପରିଚାଳିତ ଜଳସମ୍ପଦ, ପୂର୍ତ୍ତ, ଗୃହ ଓ ନଗରର ଉନ୍ନୟନ ବିଭାଗ ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ । ବିଶେଷଭାବେ ଜଳସମ୍ପଦ ବିଭାଗରେ ଅନେକ ପ୍ରାର୍ଥୀଙ୍କୁ ଜାଲିଆତି କରି ନିଯୁକ୍ତିପତ୍ର ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ଆଶାୟୀ ପ୍ରାର୍ଥୀ । ଏମାନଙ୍କ ଅଭିଯୋଗ ହେଲା, ୨୦୨୧, ୨୦୨୨ ଗେଟ୍ ବା ପ୍ରବେଶିକା ପରୀକ୍ଷା ସ୍କୋର କାର୍ଡ ଯାଞ୍ଚ ହୋଇନାହିଁ । ନିଯୁକ୍ତିପତ୍ର ପାଇଥିବା କିଛି ପରୀକ୍ଷାର୍ଥୀଙ୍କ ନାହିଁ ଓଡ଼ିଆ ପାସ୍ ସାର୍ଟିଫିକେଟ୍ । ଓପିଏସ୍‌ସି ଭୁଲ ଯାଞ୍ଚ କରିଛି । କିଛି ଅଣଓଡ଼ିଆଙ୍କୁ ବି ନିଯୁକ୍ତି ଦିଆଯାଇଛି । ତେଣୁ ଓପିଏସସି ବିନା ଯାଞ୍ଚରେ କିଭଳି ତ୍ରୁଟିପୂର୍ଣ୍ଣ ତାଲିକା ସରକାରଙ୍କୁ ଦେଲା, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଅନେକ ଆଶାୟୀ । ଦଲାଲଙ୍କ ଦ୍ୱାର ବଡ଼ କେଳେଙ୍କାରୀ ହୋଇଥିବା ଅଭିଯୋଗ କରିଛନ୍ତି । ତେଣୁ ସିବିଆଇ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା ପୁରା ମାମଲାର ତଦନ୍ତ କରିବାକୁ ଦାବି ହୋଇଛି । ୨୦୨୩ରେ ଓପିଏସସି ଦ୍ୱାରା ୫୮୦ ପଦ ପାଇଁ ନିଯୁକ୍ତି ବାହାରିଥିଲା । ଏବେ ବିଳମ୍ବରେ ନିଯୁକ୍ତି ପତ୍ର ବଣ୍ଟାଯାଇଛି । କିନ୍ତୁ ୨୦୨୧ ଓ ୨୦୨୨ରେ ଗେଟ୍ ସମ୍ପର୍କିତ ତଥ୍ୟ ସଂପୃକ୍ତ ସାଇଟ୍‌ରେ ମିଳୁନାହିଁ । ତେଣୁ ଆଶାୟୀଙ୍କ ଅଭିଯୋଗ ପରେ ସନ୍ଦେହ ବଢ଼ିଛି । ନିକଟରେ ପୁଲିସ ଏସଆଇ ଜାଲିଆତି ଧରାପଡିବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପଟେ ଆଇନ ମନ୍ତ୍ରୀ କହିଛନ୍ତି, କୌଣସି ଅଣଓଡିଆ ଚାକିରୀ ପାଇନାହାନ୍ତି । ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରୀକ୍ଷା ହୋଇଛି । ଏବେ ନିଯୁକ୍ତିକୁ ନେଇ କିଛି ଆଶାୟୀ ପ୍ରଶ୍ନ ଉଠାଇଛନ୍ତି । ଆଗକୁ ଆନ୍ଦୋଳନ ପାଇଁ ବି ସଜବାଜ ଚାଲିଛି ।

## ମୋକିମଙ୍କ ବିସ୍ଫୋରଣ ପରେ କଂଗ୍ରେସରେ ବଡ଼ ହଲଚଲ: ଭାଗ ଭାଗ ହେଲେଣି ନେତା

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମୋକିମଙ୍କ ବିସ୍ଫୋରଣ ପରେ କଂଗ୍ରେସରେ ବଡ଼ ଧରଣର ହଲଚଲ । ନା ମୋକିମଙ୍କ ବିରୋଧରେ କିଏ ମୁହଁ ଖୋଲୁଛନ୍ତି ନା ଭକ୍ତଙ୍କ ସମର୍ଥନରେ କିଏ ଖୋଲାଖୋଲି ସାମ୍ନାକୁ ଆସୁଛନ୍ତି । ଭିତରେ ଭିତରେ ଭାଗ ଭାଗ ହେଲାଣି କଂଗ୍ରେସ କ୍ୟାମ୍ପ । ଯା ଭିତରେ ଚର୍ଚ୍ଚା ହେଉଛି, ଓଡ଼ିଶାରେ କଂଗ୍ରେସକୁ ଏବେ ଭଗବାନ ଭରସା । କଂଗ୍ରେସରେ ପୁଣି ବିଦ୍ରୋହର ବିଗୁଲ । ସୋନିଆ ଗାନ୍ଧୀଙ୍କୁ ମହମ୍ମଦ ମୋକିମଙ୍କ ୫ ଫର୍ଦ୍ଦର ଚିଠି ଭକ୍ତଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି । ପରାଜିତ ନେତାଙ୍କ ନେତୃତ୍ୱରେ ଆଗକୁ ବଢିପାରିବନି ଦଳ । ଏଭଳି କହି ସିଧା ଭକ୍ତଙ୍କ ନେତୃତ୍ୱକୁ ନିଶାନା କରିଛନ୍ତି ମୋକିମ । ଯାହାକୁ ନେଇ ଏବେ କଂଗ୍ରେସରେ ଆରମ୍ଭ ହୋଇଛି କମ୍ପନ । ପିସିସି ସଭାପତି ଭାବେ ଭକ୍ତଙ୍କ କାର୍ଯ୍ୟଶୈଳୀ ବରିଷ୍ଠଙ୍କୁ ଅତିଷ୍ଠ କରୁଥିବା ଦଳୀୟ ମହଲରେ ଚର୍ଚ୍ଚା । ଏକଲା ଚଲୋ ନୀତି ଭକ୍ତଙ୍କ ପାଇଁ ବୁମେରାଂ ହେବାକୁ ବସିଛି । ହାତମୁଠା ଟାଣ କରିବା ବଦଳରେ ଦୂରଛଡ଼ା ହେବା ଆରମ୍ଭ କଲେଣି ସାଥୀ ସହଯୋଗୀ । ଯାହା କଂଗ୍ରେସରେ ବିଭାଜନକୁ କେବଳ ବଳ ଦେଉନି ବରଂ ଭକ୍ତଙ୍କ ନେତୃତ୍ୱକୁ ସଙ୍କଟ ଭିତରକୁ ଠେଲିଲାଣି । ସବୁ ପରେ ବି ଭକ୍ତଙ୍କ ନୀରବତା ଅନେକ ଚର୍ଚ୍ଚାକୁ ଖୋରାକ ଦେଉଛି ।



▶▶ପୃଷ୍ଠା ୭

## ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ନିଯୁକ୍ତି ପତ୍ରକୁ 'ସଂକଳ୍ପ ପତ୍ର' ଭାବନ୍ତୁ। ଲୋକଙ୍କ ସରକାରର ଜଣେ ଜଣେ ପ୍ରତିନିଧି ଭାବରେ ଜନତାଙ୍କ ହିତ ପାଇଁ ତଥା ଜନକଲ୍ୟାଣକୁ ଗୁରୁତ୍ୱ ଦେଇ ସମାଜ ଓ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରନ୍ତୁ। ଆପଣମାନେ ସେବା ମନୋଭାବ ନେଇ ଲୋକଙ୍କ ପାଇଁ କାମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ତ୍ରୟୋଦଶତମ ନିଯୁକ୍ତି ମେଳା ଅବସରରେ ତିନୋଟି ବିଭାଗରେ ନବ ନିଯୁକ୍ତ ୫୯୧ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହା କହିଛନ୍ତି। ଓଡ଼ିଶା କୃଷି ଶିକ୍ଷା ସଦନସ୍ଥିତ ସଭାଗୃହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆପଣମାନେ 'ମାନବ ସେବା ହିଁ ମାଧବ ସେବା'କୁ ଧେୟ କରି ସଚ୍ଚୋଟତା, ସମର୍ପଣ ଏବଂ ସହାନୁଭୂତିକୁ ଆପଣଙ୍କର ମାର୍ଗଦର୍ଶକ ଭାବରେ ଗ୍ରହଣ କରନ୍ତୁ। ସହୃଦୟତା ଓ ନ୍ୟାୟ ସହିତ ପ୍ରତ୍ୟେକ ନିଷ୍ପତ୍ତି ନେଇ ତୃଣମୂଳ ସ୍ତରରେ ଜନକଲ୍ୟାଣ ନୀତିଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରନ୍ତୁ। ସବୁବେଳେ ମନେ ରଖନ୍ତୁ, ମୋ ସରକାର ଦୁର୍ନୀତି ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରୁଛି ଓ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସେଥିପାଇଁ ଆପଣମାନେ ଦୁର୍ନୀତିରୁ ଲକ୍ଷେ କୋଷ ଦୂରରେ ରୁହନ୍ତୁ। ମୋର ବିଶ୍ୱାସ, ଆପଣ ସମସ୍ତେ ନିଜ ପଦର ମୂଲ୍ୟ ବୁଝି ଅତ୍ୟନ୍ତ ନିଷ୍ଠା ଏବଂ ସଚ୍ଚୋଟତାର ସହ କାର୍ଯ୍ୟ କରି ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶାକୁ ଗଠନରେ ନିଜର ଯୋଗଦାନ ଦେବେ। ନବ ନିଯୁକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସରକାରରେ ସ୍ୱଚ୍ଛ, ନିରପେକ୍ଷ, ଦକ୍ଷତା ଭିତ୍ତିକ ଓ ଦୁର୍ନୀତିମୁକ୍ତ ହୋଇଛି ନିଯୁକ୍ତି ପ୍ରକ୍ରିୟା।



▶▶ପୃଷ୍ଠା ୭

## ଖୁବ୍‌ଶୀଘ୍ର ବସିବ ମହାନଦୀ ଉଚ୍ଚସ୍ତରୀୟ କମିଟି ବୈଠକ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିର ବୈଠକ ଖୁବ ଶୀଘ୍ର ବସିବ। ଏଥିପାଇଁ ସମସ୍ତ ତଥ୍ୟ ପ୍ରସ୍ତୁତ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।

ମହାନଦୀ କମିଟିର ସଦସ୍ୟ ତଥା ରାଜସ୍ୱ ମନ୍ତ୍ରୀ କହିଛନ୍ତି ଗତକାଲି ଜଳସମ୍ପଦ ବିଭାଗ ସଚିବ ଙ୍କ ସହ କମିଟି ଅଧ୍ୟକ୍ଷ କେ ଭି ସିଂ ଦେଓ କଥା ହୋଇଛନ୍ତି। ଖୁବଶୀଘ୍ର ଜଳସମ୍ପଦ ବିଭାଗ ସମସ୍ତ ବୈଷୟିକ ଦିଗ ଉପରେ ରିପୋର୍ଟ ଦେବେ। ଛତିଶଗଡ଼ ଏହା ଭିତରେ ଅନେକ ବ୍ୟାରେଜ ନିର୍ମାଣ କରି ଦେଇଛି। କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାର ସହ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଏହି କମିଟି କାମ କରିବ।

## ପାକିସ୍ତାନର ପୂର୍ବ ଆଇଏସଆଇ ଚିଫଙ୍କୁ ୧୪ ବର୍ଷ ଜେଲ୍ ଦଣ୍ଡାଦେଶ: ମୁନିରଙ୍କର ଥିଲେ ଶତ୍ରୁ, ଇମ୍ରାନଙ୍କ ଥିଲେ ସାଙ୍ଗ

ନୂଆଦିଲ୍ଲୀ,୧୧/୧୨ : ପାକିସ୍ତାନର ଗୁଇନ୍ଦା ସଂସ୍ଥା, ISIର ପୂର୍ବତନ ମୁଖ୍ୟ ଫୈଜ ହମିଦଙ୍କୁ କୋର୍ଟ ମାର୍ଶଲ କରାଯାଇଛି । ତାଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି । ନିଜ କାମ ଛାଡ଼ି ରାଜନୀତି କରିବା, ନିଜ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ ନ କରିବା, ଗୁପ୍ତ ସୂଚନା ଲିକ୍ କରିବା, ସରକାରୀ ପାୱାରର ଦୁରୁପଯୋଗ କରିବା ଅଭିଯୋଗରେ ତାଙ୍କୁ ଏହି ଦଣ୍ଡାଦେଶ କରାଯାଇଛି । ଜାଣିରଖିବା ଉଚିତ ଯେ, ଫୈଜ ହମିଦ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଜଣେ ଘନିଷ୍ଠ ସହଯୋଗୀ । କୁହାଯାଉଥିଲା ଇମ୍ରାନ୍ ଯେତେବେଳେ ସତ୍ତାରେ ଥିଲେ, ସେତେବେଳେ ଫୈଜ ହମିଦଙ୍କୁ




▶▶ପୃଷ୍ଠା ୭

## ମୋଦୀ-ଟ୍ରମ୍ପ ଟେଲିଫୋନ ଆଲୋଚନା: ବାଣିଜ୍ୟ ଚୁକ୍ତି ଉପରେ ସହମତି ସମ୍ଭାବନା

ନୂଆଦିଲ୍ଲୀ,୧୧/୧୨ : ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଚାଲିଥିବା ଆଲୋଚନା ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ଦୁଇ ନେତା ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ପ୍ରଗତି ସମୀକ୍ଷା କରିଛନ୍ତି। ଉଭୟ ନେତା ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ଶକ୍ତି, ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ସହଯୋଗ ବିସ୍ତାର କରିବା ବିଷୟରେ ଆଲୋଚନା କରିଛନ୍ତି। ଦୁଇ ନେତା ସମାନ ଚ୍ୟାଲେଞ୍ଜର ମୁକାବିଲା ଏବଂ ସାଧାରଣ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଏକାଠି କାମ କରିବାକୁ ସହମତ ହୋଇଛନ୍ତି। ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଆଲୋଚନା ଏପରି ସମୟରେ ହୋଇଛି ଯେତେବେଳେ ଉଭୟ ଦେଶର ପ୍ରତିନିଧି ଦଳ ଦିଲ୍ଲୀରେ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ବିଷୟରେ ଆଲୋଚନା କରୁଛନ୍ତି ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକ ସଫଳ ଭାରତ ଗସ୍ତ କରିଫେରିଛନ୍ତି। ଟ୍ରମ୍ପଙ୍କ ସାମ୍ପ୍ରତିକ ବିବୃତ୍ତି ସୂଚାଇ ଦେଇଛି ଯେ ଆମେରିକା ଏବଂ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ। ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର କହିଛନ୍ତି ଯେ ଭାରତ ଆମେରିକାକୁ ଏପର୍ଯ୍ୟନ୍ତ ସର୍ବୋତ୍ତମ ପ୍ରସ୍ତାବ ପ୍ରଦାନ କରିଛି। ୱାଶିଂଟନ ଡିସିରେ ଏକ ସିନେଟ୍ ସବକମିଟି ବୈଠକରେ ଭାଷଣ ଦେଇ ସେ କହିଛନ୍ତି ଯେ ଆମେରିକାର ବାଣିଜ୍ୟ ଦଳ ବର୍ତ୍ତମାନ ଭାରତରେ ଅଛି ଏବଂ କୃଷି କ୍ଷେତ୍ର ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରୁଛି।



# ଏଆଇଟିୟୁସି ତରଫରୁ ନୂତନ ଶ୍ରମକୋର୍ଡ ବାତିଲ କରିବା ଦାବିରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର, ୧୧/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ହଠାତ ସାରା ଦେଶରେ ନୂତନ ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଏଥି ପାଇଁ ଦେଶର ଶ୍ରମିକ ସଂଗଠନ ମାନଙ୍କ ସହ କୌଣସି ଆଲୋଚନା କରା ଯାଇ ନାହିଁ। ଦୀର୍ଘ ଦିନ ହେଲା ଏହି ୪ଟି ଶ୍ରମ କୋର୍ଡ ବାତିଲ କରିବା ଦାବିରେ ସମଗ୍ର ଦେଶରେ ଜୋରଦାର ଶ୍ରମିକ ଆନ୍ଦାଳନ ଚାଲୁ ରହିଥିବା ବେଳେ ସରକାର ରାତି ଅଧିଆ ଶ୍ରମ କୋର୍ଡ ଲାଗୁ କରିଛନ୍ତି।ଏହି ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକ ମାନଙ୍କର ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ସଂଗେ ସଂଗେ , ହାୟାର ଏଣ୍ଡ ଫାୟାର ନୀତିରେ ଶ୍ରମିକ ମାନଂକୁ ମାଲିକ ମାନଙ୍କ ଦ୍ୱାରା ଯେତେବେଳେ ଚାହିଁବେ ଛଟେଇ କରାଯିବ ଓ ସ୍ଥାୟୀ ନିଯୁକ୍ତି ବଦଳରେ ଅସ୍ଥାୟୀ ଚୁକ୍ତି ଭିତିକ ନିଯୁକ୍ତି ବୃଦ୍ଧି ପାଇବ। ଦୈନିକ କାର୍ଯ୍ୟ ଦିବସ ୧୦/୧୨ ଘଣ୍ଟା ବୃଦ୍ଧି ହେଲେ ସମଗ୍ର ଦେଶର ବିଭିନ୍ନ କାରଖାନା, ଖଣି ଓ ଅନ୍ୟାନ୍ୟ ଶିଳ୍ପରେ ଗୋଟିଏ ସିଫ୍ଟର ଶ୍ରମିକ ତଥା ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇବେ। ଏମିତି ତ ଦେଶରେ କୋଟି କୋଟି ସଂଖ୍ୟାରେ ବେକାର ଯୁବକ ଯୁବତୀ ଶିକ୍ଷା ସମାପ୍ତ ପରେ ନିଯୁକ୍ତି ପାଇଁ ବାଓଡାଟା ଫାଇଲ ଧରି ଗୋଟିଏ ଅଫିସରୁ ଆଉ ଗୋଟିଏ ଅଫିସ ଘୁରି ବୁଲୁଛି। ହେଲେ କେଉଁଠି ବି ଜବ୍ ଟିଏ ମିଳୁ ନାହିଁ। ସେହିଭଳି ଟ୍ରେଡ୍ ୟୁନିୟନ କ୍ଷମତାକୁ ସଙ୍କୁଚିତ କଲା ପରେ ମାଲିକ ମାନଙ୍କ ଦ୍ୱାରା ଶ୍ରମିକ ମାନେ ଅଧିକ ଶୋଷିତ ହେବେ। ବୋନସ୍ ଓ ଛୁଟି ଭଳି ଅତ୍ୟାବ୍ୟଶକ ସୁବିଧା ଉପରେ ଅଂକୁଶ ଲଗାଇବା ପାଇଁ ସ୍ଥିର ହୋଇଛି। ଯାହାକି ବିନା ୟୁନିୟନରେ ଶ୍ରମିକ ମାନଂକୁ ଡରାଇ ମାଲିକ ମାନେ କାର୍ଯ୍ୟ ହାସଲ କରିବା ସହ କାର୍ଯ୍ୟରୁ ବାହାର କରି ଦେବେ। ଶ୍ରମିକ ଶୋଷଣ ଅଧିକରୁ ଅଧିକ ବଢିବାରେ ଲାଗିବ।

ପୂର୍ବ ଶ୍ରମ ଆଇନକୁ ଠିକ୍ ଭାବେ ଲାଗୁ ହୋଇ ପାରୁ ନଥିବା ବେଳେ, ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋର୍ଡ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧି ଅଟେ। ଏହି ନୂଆ ଶ୍ରମ କୋର୍ଡ ତୁରନ୍ତ ବାତିଲ କରିବା ଦାବିରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଷନ ସହ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ରେ ଏଆଇଟିୟିସି ରାଜ୍ୟ କର୍ଯ୍ୟାରୀ ସଭାପତି ସାଥୀ ମହେଶ୍ୱର ରାଉତ, ରାଜ୍ୟ ନେତା ବ୍ରଜବନ୍ଧୁ ପ୍ରଧାନ, , ଏଆଇଟିୟୁସି ଜିଲା ସଂପାଦକ ସାଥୀ କପିଳ ମହାନ୍ତି, କାହ୍ନୁ ସାମଲ, ବନ୍ଧୁ ଜାମା, ଶ୍ରୀହରି ଘଣା , ହୃଦା ପାତ୍ର, ବିରଂଚି ଦେହୁରୀ, ଘାଶିରାମ ମାଁଝି , ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଲିଙ୍ଗ ଭିତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ

ସୁବର୍ଣ୍ଣପୁର, ୧୧/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲିଙ୍ଗଭିତିକ ହିଂସା ନିରାକରଣ ସଚେତନତା ପକ୍ଷ - ୨୦୨୫ ଜିଲ୍ଲା ତାଲିମ କେନ୍ଦ୍ର ,ସୁବର୍ଣ୍ଣପୁର ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଉଷାରାଣୀ ଦାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ସଭାରେ ଡିଏଲଏସଏ ସେକ୍ରେଟାରୀ ଦେବାଶିଷ ଦାଶ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀ, ଅଧକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡା.ଦୁର୍ଗାଦତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ , ଡିଏସଡବ୍ଲୁଓ ନିବେଦିତା ଗୁରୁ ଓ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଉପସ୍ଥିତ ରହି ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତା - ଉପରେ ଗୁରୁତ୍ୱାରୋପ କରି 'ସମ୍ମାନର ସହିତ ବଂଚିବା ସମସ୍ତ ମହିଳା ଓ ଝିଅ ମାନଙ୍କର ମୌଳିକ ଅଧିକାର' 'ଲିଙ୍ଗଭିତିକ ହିଂସା ଏକ ଜନସ୍ୱାସ୍ଥ୍ୟ ସମସ୍ୟା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ସମସ୍ତେ ମିଶି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ରେ ସହାୟକ ହୋଇପାରିବା ବୋଲି କହିଥିଲେ ଓ ଏ ଉପରେ ଆଲୋଚନା କରିଥିଲେ ଓ ମହିଳାମାନଙ୍କ ମାନବିକ ଅଧିକାର ଯେମିତି କ୍ଷୁର୍ଣ୍ଣ ନହେବ ସେଥିପ୍ରତି ଯତ୍ନବାନ ହେବାକୁ ଅତିଥିମାନେ କହିଥିଲେ। ସକ୍ଷୀ କେନ୍ଦ୍ରରେ ଉପଲବ୍ଧ ସହାୟତା ଉପରେ ବିଶେଷ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ଅଧକ୍ଷ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ, ବ୍ଲକ ଆକାଉଂଟ ପରିଚାଳକ, ସକ୍ଷୀ, ରେଆର ଶ୍ରଦ୍ଧା ସଂସ୍ଥାର ପରାମର୍ଶଦାତା ତଥା କର୍ମଚାରୀ ବୃନ୍ଦ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ସାହୁ ସ୍ୱାସ୍ଥ୍ୟ ପରିଦର୍ଶକ, ସୋଭାନା ଦାସ ଏଏମ୍ଏଲ୍ ଏ ଏଣ୍ଡ ଆଇଏସ ଓ ତରଣିସେନ୍ ପ୍ରଧାନ ଆଶା ସଂଯୋଜକ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶେଷରେ ରୂପକ କୁମାର ମହାପାତ୍ର ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏକ ପୋଷ୍ଟର ପ୍ରଦର୍ଶନ କରାଯାଇ ସମସ୍ତ ଙ୍କୁ ସଚେତନ ପାଇଁ ବଂଟନ କରାଯାଇଥିଲା। ଶେଷରେ ବିନିକା ସିଏସସିର ପବ୍ଲିକ ହେଲ୍ଥ ଏକ୍ସଟେନସନ ଅଫିସର୍ ଅଙ୍କୁର କୁମାର ହୋତାଙ୍କ ଦ୍ୱାରା ପଠନ କବିତା 'ଝିଅ' ସମସ୍ତଙ୍କୁ ଭାବ ବିହ୍ୱଳ କରି ପକାଇଥିଲା।

## ଚିରଞ୍ଜିବୀ ଦାସଙ୍କୁ ଦିବ୍ୟାଙ୍ଗ ପ୍ରେରଣା ସମ୍ମାନ

ଭଦ୍ରକ, ୧୧/୧୨ (ନି.ପ୍ର): ଏହି ଜିଲାର ବନ୍ତ ବ୍ଲକ ଶ୍ରୀରାମପୁର ଗ୍ରାମର ଚିରଞ୍ଜିବୀ ଦାସଙ୍କୁ ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ପ୍ରେରଣା ସମ୍ମାନରେ ସମ୍ମାନିତ କରାଯାଇଛି । ଅଧୁନା ସେ ବାଲେଶ୍ୱର ଜିଲ୍ଲା କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧାପକ ଅଛନ୍ତି । ଗତ ୭ ତାରିଖ ଭୁବନେଶ୍ୱରର ବିପିନ୍ ବିହାରୀ ଚୌଧୁରୀ ଅନ୍ଧ ମୂକ ବଧିର ସ୍କୁଲ୍ ପରିସରରେ ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ ପାଳିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହଙ୍କ ମଂଚ ସଂଯୋଜନାରେ ନନ୍ଦିନୀ ଟିଭିର ପରିଚାଳନା ନିର୍ଦ୍ଦେଶକ ହେମନ୍ତ ରଥ ସଭାକୁ ଅଧକ୍ଷତା କରିଥିଲେ । ସମାଜର ଡ.ପ୍ରଭାସ ଆଚାର୍ଯ୍ୟ,ହାଇଟେକ୍ ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ତିରୁପତି ପାଣିଗ୍ରାହୀ, ବ୍ରିଙ୍ଗ୍ ସ୍ମାଇଲର ଅଧକ୍ଷା ସୁଚରିତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ମହୋତ୍ସବ ଅବସରରେ ସମସ୍ତଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସକୁ ସାଧୁ ଉଦ୍ୟମ ବୋଲି କହିଥିଲେ । ଏହି ଅବସରରେ ଅଧାପକ ଚିରଞ୍ଜିବୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକାଶଯେ ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଚରଞ୍ଜିବୀ ଜାତୀୟ ଦୃଷ୍ଟିହୀନ ମହାସଂଘର ଓଡିଶା ଶାଖା ଉପ-ସଭାପତି ପଦବୀରେ ରହି ସେବା କାର୍ଯ୍ୟ କରି ଆସୁଥିଲେ । ତାଙ୍କର ଅଦମ୍ୟ ସାହସକୁ ଅଂଚଳବାସୀ ଭୁରି ଭୁରି ପ୍ରଶଂସା କରିଥିବା ବେଳେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପଦ୍ମାସନରେ ମା' ସର୍ବମଙ୍ଗଳା

ପୁରୀ, ୧୧/୧୨ (ନି.ପ୍ର): କରୁଣାମୟୀ ପରମ ବୈଷ୍ଣବୀ ମା ସର୍ବମଙ୍ଗଳା । ସର୍ବ ଭକ୍ତଙ୍କ ମଙ୍ଗଳ ପାଇଁ ମା ପଦ୍ମାସନରେ ବିରାଜମାନ କରିଛନ୍ତି । ମା ଚତୁର୍ଭୁଜା ଓ ପରମ ବୈଷ୍ଣବୀ । ପୁରୀ ପୌରାଂଚଳ କୁମ୍ଭାରପଡା ବାଡସାହିରେ ମାଙ୍କ ମନ୍ଦିର ରହିଛି । ମନ୍ଦିର ସମ୍ମୁଖରେ ହାତୀ ଉପରେ ସିଂହ ବସିଥିବା ଦୃଶ୍ୟ ବେଶ ଚମତ୍କାର। ମାଙ୍କ ଦକ୍ଷିଣ ପଟକୁ ମୁହଁ କରି ବସିଛନ୍ତି । ମାଆଙ୍କ ଦକ୍ଷିଣ ଉପର ହସ୍ତରେ ଅଙ୍କୁଶ ଓ ତଳ ହସ୍ତରେ ବରଦା ମୁଦ୍ରାରେ ବିଦ୍ୟମାନ କରିଛନ୍ତି । ବାମପଟ ଉପର ହସ୍ତରେ ଫାଶ ଓ ତଳ ହସ୍ତରେ ଅଭୟ ମୁଦ୍ରାରେ ରହିଛନ୍ତି। ମାଙ୍କ ବାମପଟେ ବନଦୁର୍ଗା ଓ ଡାହାଣପଟେ ଶାରଳା ବିରାଜମାନ କରିଛନ୍ତି । ପାଖରେ ମାଆଙ୍କ ଚଳନ୍ତି ପ୍ରତିମା ରହିଛନ୍ତି । ମନ୍ଦିରର ପୂର୍ବ ଦିଗରେ ଜୟଦୁର୍ଗା ପଶ୍ଚିମରେ ନରସିଂହୀ ଓ ଉତରରେ ବାରାହୀ ଠାକୁରାଣୀ ଜଗି ରହିଛନ୍ତି । ମନ୍ଦିରର ମୁଖଶାଳାରେ ନବଗ୍ରହ ପୂଜା ପାଉଛନ୍ତି । ଦ୍ୱାରପାଳ ଭାବେ ଛାୟା ଓ ମାୟା ଜଗି ରହିଛନ୍ତି । ସମ୍ମୁଖରେ ସିଂହ ମାଙ୍କୁ ଚାହିଁ ରହିଛନ୍ତି । ସକାଳ ୬ଟାରୁ ଦ୍ୱାରଫିଟା, ଅବକାଶ, ମଇଲମ, ସୂର୍ଯ୍ୟପୂଜା ସରିବା ପରେ ଦ୍ୱାରପାଳ ପୂଜା ଓ ପାର୍ଶ୍ୱ ଦେବାଦେବୀଙ୍କ ନୀତିକାନ୍ତି ବଢିଥାଏ । ପରେ ମାଙ୍କ ସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୁଏ । ସକାଳ ଭୋଗରେ ଚୁଡାଭଜା, ଖଇ, ମୁଆଁ, ଫଳ, ଛେନା ଓ ମଧାହ୍ନ ଧୂପରେ ଖେଚେଡି ଡାଲମା ଖଟା ଖିରି ଭୋଗ ଲାଗି କରାଯାଇଥାଏ । ସଂଧ୍ୟାଧୂପରେ ଛେନା ଓ ପଣା, ପଇଡ ଲାଗି କରାଯାଇଥାଏ । ପରେ ବିଶ୍ରାମ ଆଳତି ହୋଇ ପହୁଡ କରାଯାଏ । ମାଙ୍କ ବିଶେଷ ପର୍ବ ମଧ୍ୟରେ ଶାରଦୀୟ ପର୍ବ ଷୋଳଦିନ ପୂଜା ଧୁମଧାମରେ ପାଳିତ ହୋଇଥାଏ । ମହାସପ୍ତମୀ, ମହାଷ୍ଟମୀ ଓ ନବମୀ ଜୟଦୁର୍ଗାଙ୍କ ପାଖରେ ଆମିଷ ଭୋଗ ସିଂହ ମୂର୍ତି ପଛ ପାଖରେ ଲାଗି କରାଯାଇଥାଏ । ଚୈତ୍ର ମଙ୍ଗଳବାର, ରଜପର୍ବ, ପଣାସଂକ୍ରାନ୍ତି, ଓଢଣଷଷ୍ଠୀ, ବାସନ୍ତିକ ଦୁର୍ଗାପୂଜା, କୁମାର ପୂର୍ଣିମାରେ ସାହିବାସିନ୍ଦାଙ୍କ ସମେତ ଆଖପାଖ ଅଂଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥାଏ । ମୁଖ୍ୟ ପୂଜକ ପ୍ରକାଶ କୁମାର ଆଚାର୍ଯ୍ୟ ମାଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରୁଛନ୍ତି । ତାଙ୍କ ମନ୍ତ୍ର ଉଚ୍ଚାରଣ ଓ ପୂଜାର୍ଚ୍ଚନାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ତାଙ୍କ ସାନଭାଇ ପ୍ରଭାତ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା ମାଙ୍କ ବେଶ ଓ ପର୍ବପର୍ବାଣୀରେ ସହଯୋଗ କରୁଛନ୍ତି । ପିଢି ପରେ ପିଢି ଅନୁଯାଇ ମାଙ୍କ ମନ୍ଦିରରେ ପୁରୁଷାନୁକ୍ରମେ ପୂଜାର୍ଚ୍ଚନା କରୁଛନ୍ତି। ମାଙ୍କ ମହିମା ଅପାର ଯୋଗୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥାଏ । ମାନସିକ ଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହେବା ଯୋଗୁ ମା ସର୍ବମଙ୍ଗଳାଙ୍କ ଖ୍ୟାତି ବୃଦ୍ଧି ପାଉଛି । ମାଙ୍କ ସିନ୍ଦୁର ଲଗାଇଲେ ଭକ୍ତ ମାନଙ୍କ କାର୍ଯ୍ୟ ସିଦ୍ଧି ହେଉଛି ବୋଲି ବିଶ୍ୱାସ ରହିଛି । ପଣା ପ୍ରିୟ ମା ସର୍ବମଙ୍ଗଳା । ସୁବାସିତ ପୁଷ୍ପ ଓ ଚନ୍ଦନରେ ମହକୁଛି ମନ୍ଦିର ପରିସର। ଧୂପଦୀପ ଝୁଣାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଆଳତି ଦର୍ଶନ କରି ଭକ୍ତ ଆଳତି ମୁଣ୍ଡରେ ମାରି ମୁଣ୍ଡିଆ ମାରି କୃପା ଲାଭ କରୁଛନ୍ତି । ଘଂଟି ଘଂଟା ଶଦ୍ଦରେ ପ୍ରକମ୍ପିତ ହେଉଛି ମନ୍ଦିର ପରିସର। ମନ୍ଦାର ପ୍ରିୟ ମା ସର୍ବମଙ୍ଗଳା । ମନ୍ଦାର ପୁଷ୍ପ ମାଳରେ ମା ଚମକୁଛନ୍ତି । ମାଙ୍କ ହସହସ ମୁଖମଣ୍ଡଳ ଦର୍ଶନ କରି ଭକ୍ତ ଭାବବିହ୍ୱଳ । ଶନିବାର ଓ ମଙ୍ଗଳବାରରେ ଭକ୍ତଙ୍କ ଭିଡ ଲାଗିରହିଥାଏ । ମାଙ୍କ ନିକରେ ଭକ୍ତ ଭାବପ୍ରବଣତାର ମଙ୍ଗଳାସ୍ତୁତି ବୋଲି ଭାବବିହ୍ୱଳ । ଦୈନନ୍ଦିନ ସାହିବାସିନ୍ଦା ମାନେ ସକାଳ ଠାରୁ ସଂଧ୍ୟା ପର୍ଯ୍ୟନ୍ତ ମାଙ୍କୁ ଦର୍ଶନ କରି ଆଶିଷ ଲାଭ କରୁଛନ୍ତି । ଭକ୍ତ ଯେତେ ଦୁଃଖ କଷ୍ଟ ଓ ଅସୁବିଧାରେ ପଡିଲେ ମାଙ୍କୁ ଶ୍ରଦ୍ଧାର ସହ ଭାବ ଭକ୍ତିରେ ଡାକିଲେ ମା ତାର ଡାକ ଶୁଣି ଭକ୍ତଙ୍କୁ ଉଦ୍ଧାର କରନ୍ତି ବୋଲି ବିଶ୍ୱାସ ରହିଛି । ସାହିବାସିନ୍ଦାଙ୍କ ମାଙ୍ଗଳିକ କାର୍ଯ୍ୟ ମାଙ୍କ ମନ୍ଦିର ଅନୁଷ୍ଠିତ ହେଉଛି । ସାହିରେ ଯାତାୟାତ କରୁଥିବା ପଥଚାରୀ, ବାଟୋଇ ଓ ସାହିବାସିନ୍ଦା ମାନେ ମାଙ୍କୁ ଦର୍ଶନ କରି ଦୁଇହାତ ଯୋଡି ପ୍ରଣିପାତ କରି ନିଜ ନିଜ ଦୁଃଖ କଷ୍ଟ ଦୂର କରିବା ପାଇଁ ଜଣାଇ ଯାତାୟାତ କରନ୍ତି। ସାହିରେ ମା ସର୍ବମଙ୍ଗଳା ମୁରବି ଭାବେ ରହି ସାହିର ଆପଦବିପଦରେ ସାହିବାସିନ୍ଦାଙ୍କୁ ରକ୍ଷା କରିଥାନ୍ତି । ମା ସର୍ବମଙ୍ଗଳାଙ୍କୁ ସ୍ମରଣ କଲେ ମା ପାଖେ ପାଖେ ରହିଥାଏ ବୋଲି ବିଶ୍ୱାସ ରହିଛି ।

# ରାଜ୍ୟସ୍ତରୀୟ ଶଙ୍ଖଧ୍ୱନି ପ୍ରତିଯୋଗିତା ଏବଂ ଡ୍ରିମ୍ ଆଇଡିଆଲ୍ ସ୍କୁଲରେ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୧/୧୨ (ନି.ପ୍ର): ଡ୍ରିମ୍ ଆଇଡିଆଲ୍ ପରିସରରେ ବିଦ୍ୟାପୀଠରେ ୨୩ ତମ ବାର୍ଷିକ ଉତ୍ସବ ଓ ବିଦ୍ୟା ପୀଠ ତରଫରୁ ଆୟୋଜିତ ୧୮ ତମ ରାଜ୍ୟ ସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ ଯୋଗ ଦେଇ ବୈଠକ କୁ ଉଦଘାଟନ କରିଥିଲେ। ଆବାହକ ବିଦ୍ୟା ପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ବୈଠକ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନଜୀବୀ ଚନ୍ଦ୍ରଜିତ୍ ନାୟକ, ବିଦ୍ୟା ପୀଠ ର ସମ୍ପାଦକ ଶ୍ରୀ ଭାବଗ୍ରାହୀ ମହାନ୍ତି , ସ୍ଥାନୀୟ ୱାର୍ଡକାଉନସିଲର ଶ୍ରୀମତୀ ଅର୍ପିତା




ପ୍ରିୟଦର୍ଶନୀ ପଟ୍ଟନାୟକ । ବିଦ୍ୟା ପୀଠ ର ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି , ରେହେନା ବେଗମ, ଶୁଭଲକ୍ଷ୍ମୀ ରାଉତ , ରୋହିତ ନାୟକ ,ବୈଶାଖୀ ରାଧିକା ସାହୁ ତଥା ଅନ୍ୟାନ୍ୟ କର୍ମଚାରୀ ଉକ୍ତ ବୈଠକ ରେ ଉପସ୍ଥିତ ଥିଲେ। ରାଜ୍ୟ ସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା ନିଃଶୁଳ୍କ ତଥା ଜାତି , ଧର୍ମ , ବର୍ଣ୍ଣ ନିର୍ବିଶେଷରେ ପ୍ରତିଯୋଗିତା ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା ।

# ହାଇକୁ ସଙ୍କଳନ ଅମୃତ ବିନ୍ଦୁ ଲୋକାର୍ପିତ

ଜୟପୁର , ୧୧/୧୨ (ନି.ପ୍ର): ବରିଷ୍ଠ ନାଗରିକ କଲ୍ୟାଣ ସମିତି, ଜୟପୁର ଠାରେ ବିଶିଷ୍ଟ ହାଇକୁକାର ଶ୍ରୀ କୈଳାଶ ହୋତା ଙ୍କ ହାଇକୁ କବିତା ପୁସ୍ତକ ଅମୃତ ବିନ୍ଦୁ ଲୋକାର୍ପିତ ହୋଇଛି। ତ୍ରିସଖା ସାହିତ୍ୟ ସଂସଦ ଦ୍ୱାରା ଅନୁଷ୍ଠିତ ସାରସ୍ୱତ ସଭା ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ କଲ୍ୟାଣ ସମିତି ସଭାପତି କିଶୋର ଚନ୍ଦ୍ର ହୋତା, ବକ୍ତା ହରିହର କରସୁଧ ପଟ୍ଟନାୟକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ହୋତା, ପ୍ରକାଶକ ପ୍ରକାଶ ମହାନନ୍ଦିଆ, ଲେଖକ କୈଳାଶ ହୋତା ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥି ମାନେ ହାଇକୁ ଶୈଳୀ ରେ କବିତା ରଚନା ଓ ସୃଷ୍ଟି ଉପରେ ବିଶେଷ ଭାବରେ ଆଲୋଚନା କରିଥିଲେ। ସଭାରେ ପୁସ୍ତକର ସମୀକ୍ଷା କରାଯାଇଥିଲା। ଏଥିରେ ବିଶିଷ୍ଟ ନାଗରିକ ପ୍ରମୋଦ କୁମାର ପଣ୍ଡା, ଶିବ ଶଙ୍କର ସିଂ, ନାରାୟଣ ପାତ୍ର, ଠାକୁର ପ୍ରସାଦ, ଖଳି ପଟ୍ଟନାୟକ, ଏବଂ ସହିତ୍ୟକ ଜାନକୀ ପାଣଗ୍ରାହୀ, ଚନ୍ଦ୍ରମଣି ବାରିକ, ଡ ସୁଧାଂଶୁ ଶେଖର ପଟ୍ଟନାୟକ, ଭାବ ଚନ୍ଦ୍ରିକା ଦେବି, ଘାସିରାମ ମହାପାତ୍ର, ଆଲୋକ ମହାରଣା, ସୁରେଶ ହୋତା, ସୁବାସ ଚନ୍ଦ୍ର ହୋତା, ନିଳେନ୍ଦ୍ରି ହୋତା, ସୁନନ୍ଦା ହୋତା, ମଦନ ମୋହନ ନାୟକ, ଆଲୋକ ହୋତା ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦାନ କରିଥିଲେ। ଶେଷରେ ଡ ଦେବୀ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ଜୟପୁର , ୧୧/୧୨ (ନି.ପ୍ର): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଆସ ସ୍କୁଲଯିବା କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଜୟପୁର ସହରର ସରକାରୀ ୟୁପିଏସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପଦଯାତ୍ରା ଅନୁସ୍ଥିତ ହୋଇଥିଲା। ବର୍ତ୍ତମାନ ପାଳନ କରାଯାଉଥିବା ଭାରତୀୟ ଭାଷା ଉତ୍ସବର କ୍ଲଷ୍ଟର ସ୍ତରୀୟ ପଦଯାତ୍ରା ରେ ୨ଶହ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ପଦଯାତ୍ରା ପରେ ପ୍ରଧାନ ଶିକ୍ଷୟତ୍ରୀ କୁକୁମୀନା ଦାଶଙ୍କ ଅଧକ୍ଷତାରେ ସହକାରୀ ଗୋଷ୍ଠିଶିକ୍ଷାଧିକାରୀ କେ. ଗୋପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଆରସିସି ରାମେଶ୍ୱର ପଣ୍ଡା, ଜ୍ୟୋତି ଶଙ୍କର ତ୍ରିପାଠୀ, ସଂଯୁକ୍ତା ରାଉତ, ପିଆରଆଇ ସଦସ୍ୟ ଗୋପୀନାଥ ମହାନ୍ତି, ଅର୍ପିତା ଷଡଙ୍ଗୀ ଓ ଅଜିତ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସୁନାରିସାହି ୟୁପିଏସର ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ସରକାରୀ ୟୁପିଏସର ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# କେନ୍ଦୁଝରରେ ଜାତୀୟ ସ୍ତରୀୟ 'ପଲ୍ଲିଶ୍ରୀ ମେଳା-୨୦୨୫' ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ସମ୍ପନ୍ନ

କେନ୍ଦୁଝର, ୧୧/୧୨ (ନି.ପ୍ର): କେନ୍ଦୁଝରଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ 'ପଲ୍ଲିଶ୍ରୀ ମେଳା-୨୦୨୫' ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଗତ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ କୁମାର ନାଗଭୂଷଣ ମେଳା ଆୟୋଜନ ସମ୍ବନ୍ଧିତ ଆଲୋଚନା କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଏହି ମେଳାକୁ ୧୦ ଦିନ ବ୍ୟାପୀ ତା. ୨୬.୧୨.୨୦୨୫ ରୁ ୦୪.୦୧.୨୦୨୬ ପର୍ଯ୍ୟନ୍ତ କାଳି ପଡ଼ିଆ ନିକଟସ୍ଥ କେନ୍ଦୁଝର ଷ୍ଟାଡିୟମ୍ରେ ଆୟୋଜନ କରିବା ପାଇଁ ନିଷ୍ପତି ହୋଇଥିଲା।

ଏହି ମେଳାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାୟ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା/ସଦସ୍ୟ ମାନଙ୍କ ରହଣି ପାଇଁ ବ୍ୟବସ୍ଥା, ବ୍ୟାପକ ପ୍ରଚାର ପ୍ରସାର ପାଇଁ ମୁଖ୍ୟ ସ୍ଥାନମାନଙ୍କରେ ହୋର୍ଡିଂ, ସ୍ଥାପନା,ଦୈନିକ ହଜାର ହଜାର ଦର୍ଶକଙ୍କ ଆଗମନର ଆଶା କରାଯାଉଥିବାରୁ ପର୍ଯ୍ୟାପ୍ତ ସଂଖ୍ୟକ ପାଣି ଟ୍ୟାଙ୍କର ଓ ତିନୋଟି ପାନୀୟ ଜଳ ଗାଡ଼ିର ବ୍ୟବସ୍ଥା କରାଯିବ। ଆଇନ ଶୃଙ୍ଖଳା ଓ ସୁରକ୍ଷାର ସୁପରିଚାଳନା ପାଇଁ ୨୪ ଘଂଟିଆ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ। ମେଳାସ୍ଥଳରେ ଅଗ୍ନିଶମ ବାହିନୀ ଗାଡ଼ି ଓ ଆବଶ୍ୟକୀୟ କର୍ମଚାରୀଙ୍କ ସହ ୨୪ ଘଂଟିଆ ସେବା ଉପଲବ୍ଧ ରହିବ। ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ କରାଯିବ। ସମାନ୍ତରାଳ ଭାବେ ୨୬ ଡିସେମ୍ବରଠାରୁ ଆରମ୍ଭ ହେବାକୁ ଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ଡିସେମ୍ବର ୩୦ ତାରିଖ ଶେଷ ହେବା ପରେ ମଧ୍ୟ ମେଳାର ଷଷ୍ଠ ଦିନରୁ ଦଶମ ଦିନ ପର୍ଯ୍ୟନ୍ତ (୩୧.୧୨.୨୦୨୫ ରୁ ୦୪.୦୧.୨୦୨୬) ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜରୁରୀକାଳୀନ ସେବା ଷ୍ଟଲ୍କୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ପାଇଁ ଷ୍ଟଲ୍ ଦର ୧୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଶିବଶଙ୍କର ମିଶ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ କ୍ଷିତିଶ ଚନ୍ଦ୍ର ବଳ ପରିଚାଳନା କରିଥିଲେ।

# ମାଲପଡା ନାଗରିକ କମିଟି ବୈଠକ

ବଲାଙ୍ଗିର, ୧୧/୧୨ (ନି.ପ୍ର): ମାଲପଡା ନାଗରିକ କମିଟି ର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପଡାରେ ମୃତ୍ୟବରଣ କରିଥିବା ବ୍ୟକ୍ତିମାନଙ୍କ ପାଇଁ ସେମାନଙ୍କ ଆତ୍ମା ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବିଜୁଳି ବିଭାଗ ଦ୍ୱାରା ଘନ ଘନ ଅଘୋଷିତ ବିଜୁଳି କାଟ ଦ୍ୱାରା ଜନ ସାଧାରଣଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ସହରରେ ବୁଲା କୁକୁର ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଉଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ତେଣୁ ପୌର ପାଳିକା ଏହି ବୁଲା କୁକୁର ପାଇଁ ବନ୍ଧ୍ୟା କରଣ କରାଯିବା ସହିତ ସେମାନଙ୍କୁ ସହର ବାହାରେ ରଖାଯିବା ପାଇଁ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା ।

# ଶୁକ୍ରବାର ଛୁଟି ବିରୋଧରେ ଧର୍ମରକ୍ଷା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ, ୧୧/୧୨ (ନି.ପ୍ର): ଧର୍ମରକ୍ଷା ସମିତି ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି । ସାଧାରଣତ ସମସ୍ତ ସରକାରୀ ଅନୁଷ୍ଠାନ ରବିବାର ଛୁଟି ହେଉଥିବା ବେଳେ ସରକାରୀ ଉର୍ଦ୍ଦୁ ସ୍କୁଲ ଗୁଡିକ ବିଗତ ସରକାରଙ୍କ ସମୟରୁ ଶୁକ୍ରବାର ଛୁଟି ଦିଆଯିବା ଭାରତ ପରି ଏକ ସାର୍ବଭୌମ୍ୟ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଭାଜନକାରୀ ମାନସିକତା ପ୍ରତିୟମାନ ହେଉଛି । ସମ୍ବିଧାନ ଆମର ସର୍ବୋପରି । ଦୁର୍ଭାଗ୍ୟର ବିଷୟ ଭାରତ ସରକାରଙ୍କ ସମ୍ବିଧାନକ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ସରକାରୀ ସ୍କୁଲକୁ ଧର୍ମ ଆଧାରିତ ଶୁକ୍ରବାର ଛୁଟି ନିମନ୍ତେ ଡାଇରେକ୍ଟର ଅଫ୍ ଏଲିମେଂଟାରୀ ଏଜୁକେସନ, ଓଡ଼ିଶା ତରଫରୁ ପତ୍ର ନମ୍ବର ୬୮୪ ତା ୧୩,୦୧,୨୦୧୭ କୁ ଆଧାରକରି ଚଳିତବର୍ଷ ୨୮,୧୦,୨୦୨୫ ରେ ପତ୍ର ନମ୍ବର ୧୯୭୨୬ରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସରକାରୀ ଉର୍ଦ୍ଦୁ ପ୍ରାଇମେରୀ, ୟୁପି, ୟୁଜିଏମ୍ଇ ସ୍କୁଲରେ ଶୁକ୍ରବାର ସାପ୍ତାହିକ ଛୁଟି ଏବଂ ଅନ୍ୟ ଛୁଟି ବିଷୟରେ । ସରକାରୀ ସ୍କୁଲ କୌଣସି ସମ୍ପ୍ରଦାୟର ଉପାସନାର କେନ୍ଦ୍ର ନୁହେଁ । କିନ୍ତୁ ଦିଲ୍ଲୀ ଆତଙ୍କବାଦୀ ଦ୍ୱାରା ବମ ବିସ୍ଫୋରଣ ଘଟଣା ଦିନ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ପତ୍ର ନମ୍ବର ୬୩୪୮ ତା ୧୦/୧୧/୨୦୨୫ ରେ ଭଦ୍ରକ ବ୍ଲକ ଓ ମୁନିସିପାଲିଟିରେ ଥିବା ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଥିଲେ । ଭଦ୍ରକ ପରି ଅତ୍ୟନ୍ତ ସମ୍ବେଦନଶୀଳ ଜିଲ୍ଲାରେ ପ୍ରୟୋଗାତ୍ମକ କାର୍ଯ୍ୟକଳାପ ଓ ବିଶେଷ ସମ୍ପ୍ରଦାୟର ଆସ୍ଥା ନାମରେ ଏକ ବିରାଟ ଷଡ଼ଯନ୍ତ୍ର ଅନୁଭୂତ କରାଉଛି। ସରକାରୀ ସ୍କୁଲରେ ଶୁକ୍ରବାର ଛୁଟି ଯଦି ଉଚିତ ଅଛି ତେବେ ହିନ୍ଦୁ ଧର୍ମର ମାନ୍ୟତା, ଧାର୍ମିକ ଆସ୍ଥା ଓ ବ୍ୟବସ୍ଥା ନିମନ୍ତେ ହିନ୍ଦୁ ଛାତ୍ରଛାତ୍ରୀ ବହୁଳ ସ୍କୁଲ, କଲେଜ ମାନଙ୍କୁ ଗୁରୁବାର ଛୁଟି ଘୋଷଣା ତୁରନ୍ତ କରାଯାଉ ବୋଲି ସମିତିର ସଂରକ୍ଷକ ମାନସ ମହାନ୍ତି ଦାବି କରିଥିଲେ । ନଚେତ ଯେଉଁ ଅଧିକାରୀମାନେ ଏପରି ଷଡ଼ଯନ୍ତ୍ର କରିଛନ୍ତି ସେମାନଙ୍କ ବିରୋଧରେ ଭାରତ ସମ୍ବିଧାନ ବିରୋଧି, ରାଷ୍ଟ୍ର ବିରୋଧି ଅପରାଧୀକ ଧାରା ସହ ଗିରଫ କରାଯାଉ ଏବଂ ଉକ୍ତ ଆଦେଶକୁ ପ୍ରତ୍ୟାହାର କରାଯାଉ । ନଚେତ ଆଗାମୀ ସାତଦିନ ପରେ ସମ୍ପୂର୍ଣ୍ଣ ସମାଜ ଏହାର ଦୃଢ ବିରୋଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କରିବାକୁ ବାଧ୍ୟ ହେବ ବୋଲି ଧର୍ମ ରକ୍ଷା ସମିତିର ନଗର ସଭାପତି ସନ୍ତୋଷ କୁମାର ପରିଡା କହିଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବିନାରାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସଂଗଠନର ସଂପାଦକ ସଞ୍ଜିବ ଦାସ, ବଳରାମ ଜେନା, ସୌମ୍ୟରଞ୍ଜନ ବାରିକ, ଅଜିତ ଦାସ, ଉପ ସଭାପତି ଜିତେଶ ମୋଦୀ, ତପନ ମହାନ୍ତି, ଅଶ୍ୱିନୀ ଦାସ, ରଘୁନାଥ ପାଢୀ, ବ୍ରହ୍ମାନନ୍ଦ ସାହୁ, ବିଜୟ ବେହେରା, , କୋଷାଧକ୍ଷ ବିଭାସ ନାଥ, ଗୌରାଙ୍ଗ ସାହୁ, ରଞ୍ଜନ ବେହେରା, ପ୍ରଭାତ ନାଥ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ବାର୍ଷିକୋତ୍ସବ ପାଳିତ ଓ ଡ଼. ନାରାୟଣୀ ପଣ୍ଡା ସମ୍ମିଳନୀ କକ୍ଷ ଉଦ୍ଘାଟିତ

ସୁବର୍ଣ୍ଣପୁର, ୧୧/୧୨ (ନି.ପ୍ର): ଆଜି ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହେବା ସହ ଡ଼ : ନାରାୟଣୀ ପଣ୍ଡା ସମ୍ମିଳନୀ କକ୍ଷ ର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସୁବର୍ଣ୍ଣା ' ର ସମର୍ପିତ ସେବା ପାଇଁ ଉଚ୍ଚ ପ୍ରଶଂସା କରିଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଡ଼ : ନାରାୟଣୀ ପଣ୍ଡା ତାଙ୍କ ଦୀର୍ଘ ଜୀବନ କାଳ ର ବିଚିତ୍ର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରି ସୁବର୍ଣ୍ଣା ର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଆଶୀର୍ବାଦ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ, ପୂର୍ବତନ ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ନିବେଦିତା ନାୟକ ତଥା ଡ଼ : ଶାନ୍ତି ମଞ୍ଜରୀ ମିଶ୍ର ' ସୁବର୍ଣ୍ଣା 'ର କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିଥିଲେ । ନିର୍ଯାତିତା ନାରୀ ଓ ପରିତ୍ୟକ୍ତ ଶିଶୁମାନଙ୍କ ସେବାରେ ' ସୁବର୍ଣ୍ଣା ' କିପରି ଦକ୍ଷତା ଓ ସାହସ ର ସହିତ କାମ କରୁଛି ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ଓ ଶେଷରେ ଅନୁଷ୍ଠାନ ର ସଦସ୍ୟା ମାନଙ୍କ ଦ୍ୱାରା ସମୂହ ସଂଗୀତ ଗାନ କରାଯାଇଥିଲା । ଅଭିପ୍ସା ମେହେର ଏକକ ନୃତ୍ୟ ପରିବେଷଣ କରି ଉପସ୍ଥିତ ଭଦ୍ର ମଣ୍ଡଳୀ କୁ ମନ୍ତ୍ରମୁଗ୍ଧ କରିଥିଲା କ୍ଷ ସଭା ରେ ଅନ୍ୟତମ ଅତିଥି ଭାବେ ପ୍ରଫେସର ଡ଼ : ରାମକୃଷ୍ଣ ପଣ୍ଡା, ଡ଼ : ରାମାନୁଜ ପଣ୍ଡା, ଡ଼ : ବିଶ୍ୱମ୍ଭର ମେହେର ଯୋଗ ଦେଇଥିଲେ । ସୁବର୍ଣ୍ଣା ର ସମ୍ପାଦିକା ମଞ୍ଜୁଳା ମିଶ୍ର ତାଙ୍କ ବକ୍ତବ୍ୟ ରଖିବା ସହ ଉପସଭାପତି ଭଗବତୀ ରାୟଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସୁବର୍ଣ୍ଣା ର ସଭାନେତ୍ରୀ ପ୍ରାଧ୍ୟାପିକା ମୀନା ମହାରଣା ସଭାରେ ଅଧକ୍ଷତା କରି ସୁବର୍ଣ୍ଣା ର ଇତିହାସ ସଂପେକ୍ଷରେ ବର୍ଣ୍ଣନା କରିଥିଲେ । ସଭା କୁ ସଂଯୋଜନା କରିଥିଲେ ସୁନନ୍ଦା ସାହୁ ଏବଂ ଧନ୍ୟବାଦ ଦେଇଥିଲେ ସସ୍ମିତା ମେହେର । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ପୂଜାର୍ଚ୍ଚନା ସହ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବି ମାନଙ୍କ ସହ ଶତାଧିକ ସାଧାରଣ ଜନତା ଓ ମହିଳା ଯୋଗଦାନ କରିଥିଲେ ।

# ବଜାରରେ ମିଳୁଥିବା ଫଳକୁ ସଫା ନକରି ଖାଉଛନ୍ତି କି ?

**ଶୀତଦିନେ ମାର୍କେଟରେ ବିଭିନ୍ନ ପ୍ରକାରର ଫଳ ମିଳେ । ଏହି ଋତୁରେ ଭିନ୍ନ ଭିନ୍ନ ପ୍ରକାରର ତାଜା ଫଳ ଓ ପନିପାରିବା ଖାଇବାର ସୁଯୋଗ ପାଆନ୍ତି ଲୋକେ। କିନ୍ତୁ କେତେକ ଫଳ ବିକ୍ରେତା ଫଳଗୁଡିକୁ ଅଧିକ ଦିନ ସତେଜ ତଥା ତାଜା ରଖିବା ପାଇଁ ଏଥିରେ ଫର୍ମାଲିନ ପରି କ୍ଷତିକାରକ ରାସାୟନିକ ସାମଗ୍ରୀ ମିଶାଇଥାଆନ୍ତି, ଯାହାକୁ ଆପଣ ଖାଇବା ଦ୍ୱାରା ଏହା ଆପଣଙ୍କ ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ ।**



ଶରୀରକୁ ସୁସ୍ଥ ରଖିବା ସହ ଶରୀରକୁ ଆବଶ୍ୟକୀୟ ପୋଷଣ ଦେବା ପାଇଁ ଆମେ ଫଳ ଖାଇଥାଉ। ବିଶେଷଜ୍ଞଙ୍କ ଅନୁସାରେ ପ୍ରତେକ ଦିନ ଫଳ ଖାଇବା ଦ୍ୱାରା ଆମ ଶରୀରକୁ ଆବଶ୍ୟକ ପୋଷଣ ମିଳିଥାଏ। ହେଲେ ଆଜିକାଲି ମାର୍କେଟରେ ମିଳୁଥିବା ସବୁ ଜିନିଷକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଦୋକାନୀମାନେ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରିଥାଆନ୍ତି । ଯାହା ଆମ ଆଖିକୁ ଦେଖିବା ଏବଂ ପାଟିକୁ ଖାଇବାକୁ ଭଲ ଲାଗିଲେ ବି ଆମ ଶରୀରକୁ ଯାଇ ଏହା ଅନେକ କ୍ଷତି ପହଞ୍ଚାଇଥାଏ। ସେହିପରି ଫଳକୁ ଦୀର୍ଘଦିନ ଯାଏଁ ସତେଜ ରଖିବା ପାଇଁ ଦୋକାନୀମାନେ ଫର୍ମାଲିନ ପରି କ୍ଷତିକାରକ କେମିକାଲର ବ୍ୟବହାର କରିଥାଆନ୍ତି, ଯାହାକୁ ଆମେ ଖାଇବା ଦ୍ୱାରା ଆମକୁ ଅନେକ ରୋଗ ହୋଇଥାଏ ।



କେବଳ ଫର୍ମାଲିନ ନୁହେଁ ବାହାରେ ଉଡୁଥିବା ଧୂଳିକଣା ଏବଂ ଦୂଷିତ ପଦାର୍ଥ ଫଳରେ ଲାଗିରହିଥାଏ। ଯାହାଦ୍ୱାରା ଆମେ ଫଳକୁ ନଧୋଇ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯାଇଥାଏ।

ଏଭଳି ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ଅନେକ ଗମ୍ଭୀର ଶାରୀରିକ ସମସ୍ୟାର ହେବାର ଆଶଙ୍କା ବଢ଼ିଯାଏ। କିଛି ଲୋକଙ୍କଠାରେ ମୁଣ୍ଡବିନ୍ଧା, ଚର୍ମ କୁଣ୍ଡାଇ ହେବା ଭଳି ସମସ୍ୟା ଦେଖାଦିଏ। ଲଗାତାର ରାସାୟନିକ ସାମଗ୍ରୀ ମିଶ୍ରିତ ଫଳ ବା ପରିବା ଖାଇବା ଦ୍ୱାରା ହରମୋନ ଅସନ୍ତୁଳନ, ଘରଙ୍କକ୍ସକୁକ୍ଷକ୍ରୁଶସମବକ୍ଷ ଯବଙ୍କବଶର, ପ୍ରଜନନ ସମସ୍ୟା ଏବଂ କର୍କଟ ଭଳି ?ରୋଗ ହେବାର ଆଶଙ୍କ ବଢ଼ିଯାଏ।

**କିପରି ଫଳକୁ କରିବା ସଫା ?**

ମାର୍କେଟରୁ ଫଳ କିଣିଲା ପରେ ପ୍ରଥମେ ଏହାକୁ ପାଣିରେ ଭଲ ଭାବରେ ଧୋଇବା ଉଚିତ୍। ପାଣିରେ ଭଲଭାବରେ ଧୋଇବା ଦ୍ୱାରା ଏଥିରେ ଲାଗିଥିବା ଦୂଷିତ ପଦାର୍ଥ ଏବଂ ଧୂଳିକଣା ସଫା ହୋଇଯାଇଥାଏ। କିନ୍ତୁ କ୍ଷତିକାରକ କେମିକାଲ ଛାଡିନଥାଏ। ଫଳକୁ କେମିକାଲ ମୁକ୍ତ କରିବା ପାଇଁ ହାଲକା ଗରମ ପାଣିରେ ଲୁଣ ବା ଭିନେଗାର ପକାଇ ୧୦ ମିନିଟ୍ ପାଇଁ ଫଳକୁ ବୁଡାଇ ରଖିଦିଅନ୍ତୁ । ୧୦ ମିନିଟ୍ ପରେ ଏହାକୁ କାଢି ଥଣ୍ଡା ପାଣିରେ ଆଉ ଥରେ ଧୋଇ ନିଅନ୍ତୁ ଏବଂ ଏହାର ସେବନ କରନ୍ତୁ। ଏପରି କରିବା ଦ୍ୱାରା କ୍ଷତିକାରାକ ଫର୍ମାଲିନ ଫଳରୁ ସମ୍ପୂର୍ଣ୍ଣ ଭାବେ ଛାଡିଯାଇଥାଏ ।

**କେବଳ ଫଳରେ ରହିଥାଏ କି ଫର୍ମୋଲିନ ?**

ଦୋକନୀମାନେ କେବଳ ଫଳରେ ଫର୍ମାଲିନର ବ୍ୟବହାର କରନ୍ତି ନାହିଁ। ବରଂ ବଜାରରେ ମିଳୁଥିବା ମାଛରେ ମଧ ଏହି କେମିକାଲ ବ୍ୟବହାର କରାଯାଇଥାଏ। ମାଛକୁ ଦୀର୍ଘଦିନ ପାଇଁ ସତେଜ ରଖିବା ପାଇଁ ଏହି ଫର୍ମାଲିନ ବ୍ୟବହାର କରାଯାଇଥାଏ। ବିଶେଷଜ୍ଞଙ୍କ ମତରେ ମାଛକୁ ପାଣିରେ ଅଧଘଣ୍ଟା ପର୍ଯ୍ୟନ୍ତ ରଖିବା ଦ୍ୱାରା ଏଥିରେ ରହିଥିବା ୬୦ ପ୍ରତିଶତ କେମିକାଲ କମ ହୋଇଥାଏ। ସେହିପରି ମାଛକୁ ୧ ଘଣ୍ଟା ଲୁଣପାଣିରେ ରଖିବା ଦ୍ୱାରା ସେଥିରୁ ୧୦୦ ପ୍ରତିଶତ କେମିକାଲ ନଷ୍ଟ ହୋଇଥାଏ ।

# ଶୀତରେ ଖାଆନ୍ତୁ ସବୁଜ ପିଆଜ: ଇମ୍ୟୁନିଟି ସହ ହାଡ଼କୁ କରିବ ଷ୍ଟ୍ରଙ୍ଗ୍

ଭାରତୀୟ ଭାରି ଖାଇବା ପ୍ରିୟ । ଖାଇବା ଥାଳିରେ ୯ ଭଜା ୬ ତିଅଣ ଥାଉ କି ନଥାଉ ମସଲା ଛୁଙ୍କଟେ ଭଲ ଦେଇ ରୋଷେଇଟା ଯଦି ହୋଇଥିବ ଆଉ ଶୋର ଶବ୍ଦ ଶୁଭିବାର ନାହିଁ । ଏ ମସଲା ଛୁଙ୍କକୁ ଆହୁରି ସ୍ୱାଦିଷ୍ଟ କରୁଥିବା ପିଆଜ ତ ପ୍ରାୟ ସମସ୍ତଙ୍କ ପସନ୍ଦ । ପିଆଜକୁ କିଏ କେତେ ଢଙ୍ଗରେ ଯେମିତିକି ଭଜା , ତରକାରୀ , ପକୋଡା କରି ଖାଆନ୍ତି । ଯାହାର ସ୍ୱାଦ ପାଟିରେ ବାଜିଲେ ବାରମ୍ବାର ଖାଇବାକୁ ଇଚ୍ଛା ହୁଏ । ଠିକ୍ ସେମିତି ଶୀତଦିନରେ ପରିବା ବଜାରରେ ଏବେ ସବୁଜ ପିଆଜର ଚାହିଦା ବଢୁଛି । ଯାହାକୁ ସ୍ପ୍ରିଙ୍ଗ୍ ଓନିୟନ୍ ବୋଲି ମଧ କୁହାଯାଏ । ପାଟିକୁ ସୁଆଦିଆ ଲାଗୁଥିବା ସ୍ପ୍ରିଙ୍ଗ୍ ଓନିୟନ୍ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପକାରୀ । ତେବେ ଆପଣ ବି ଯଦି ଏହି ସବୁଜ ପିଆଜ ଉପକାରିତା ଜାଣିନାହାନ୍ତି ତେବେ ଏ



ଲେଖା ଉପରେ ନଜର ପକାନ୍ତୁ ।

୧.ହାଡ଼କୁ ମଜବୁତ କରେ : ସ୍ପ୍ରିଙ୍ଗ ଓନିୟନ୍ ବା ସବୁଜ ପିଆଜ ଖାଇବା ଦ୍ୱାରା ହାଡ଼ ମଜବୁତ ହୋଇଥାଏ । କ୍ୟାଲସିୟମ୍ ଗୁଣରେ ଭରପୂର ଥିବାରୁ ଏହା ହାଡକୁ ଷ୍ଟ୍ରଙ୍ଗ୍ କରିଥାଏ ।

୨.ହଜମ ପ୍ରକ୍ରିୟାରେ ସହାୟକ ହୁଏ : ସ୍ପ୍ରିଙ୍ଗ ଓନିୟନ୍ ପାଚନତନ୍ତ୍ରକୁ ସୁଧାରିବାର କାମ କରେ । ଖାଦ୍ୟ ପରେ ହଜମର ସମସ୍ୟା ହେଉଥିଲେ ଆପଣ ଖାଦ୍ୟରେ ସ୍ପ୍ରିଙ୍ଗ ଓନିୟନକୁ ବ୍ୟବହାର କରିପାରିବେ ।

୩.ଡାଇବେଟିସ୍ ପାଇଁ ଉପକାରୀ ସବୁଜ ପିଆଜ : ସ୍ପ୍ରିଙ୍ଗ ଓନିୟନରେ ଆଣ୍ଟି-ଡାଇବିଟିକ୍ ଗୁଣ ଥାଏ । ଯାହା ଡାଇବେଟିସ୍ ରୋଗ ପାଇଁ ବହୁତ ଭଲ । ନିୟମିତ ସ୍ପ୍ରିଙ୍ଗ ଓନିୟନର ସେବନ ଡାଇବେଟିସ୍ ରୋଗୀଙ୍କ ପାଇଁ ଭଲ ଔଷଧ ସାବ୍ୟସ୍ତ ହେବ କହିଲେ ଅତ୍ୟୁକ୍ତି ହେବନାହିଁ ।

୪.ଥଣ୍ଡା-କାଶକୁ ଦୂର କରେ : ଶୀତରେ ଥଣ୍ଡା ହେବା ସମସ୍ୟା ସାଧାରଣ କଥା । ଯଦି ଆପଣ ବି ଶୀତଋତୁଟା ଥଣ୍ଡା-କାଶରେ ବିତାଉଛନ୍ତି ତାହେଲେ ସବୁଜ ପିଆଜ ଖାଇବା ଆରମ୍ଭ କରନ୍ତୁ । ଏଥିରେ ଥିବା ଆଣ୍ଟି-ଇନଫ୍ଲେମେଟରୀ ଗୁଣ ଥଣ୍ଡା ସମସ୍ୟାକୁ ଦୂର ରଖେ ।

୫.ଆଖି ପାଇଁ ଲାଭଦାୟକ ସ୍ପ୍ରିଙ୍ଗ ଓନିୟନ୍ : ସବୁଜ ପିଆଜରେ କେରୋଟେନୋୟଡସ୍ ଏବଂ ଭିଟାମିନ୍ ଏ ପ୍ରଚୁର ମାତ୍ରାରେ ଥାଏ ଯାହା ଆଖି ପାଇଁ ବହୁତ ଲାଭକାରୀ ।

୬.ଇମ୍ୟୁନିଟିକୁ କରେ ଷ୍ଟ୍ରଙ୍ଗ୍ : ଶୀତରେ ନିଜର ଇମ୍ୟୁନିଟିକୁ ଷ୍ଟ୍ରଙ୍ଗ୍ ରଖିବା ପାଇଁ ଖାଇପାରିବେ ସବୁଜ ପିଆଜ । ଏଥିରେ ଥିବା ଭିଟାମିନ୍ ଇମ୍ୟୁନିଟିକୁ ଷ୍ଟ୍ରଙ୍ଗ୍

# ଅତ୍ୟଧିକ ଚା' କିମ୍ବା କଫି ସାଜିପାରେ ବିପଦ....

ଅଧିକ ଚା' ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ବଢିଯାଏ ଏବଂ ଶରୀର ଶୁଷ୍କ ହୋଇଯାଏ । ରାୟପୁର ଏମ୍ସ ହସ୍ପିଟାଲର ଅର୍ଥୋପେଡିକ୍ ଏବଂ ସ୍ପୋର୍ଟ୍ସ ଇନ୍‌ଜୁରୀ ସର୍ଜନ ଡାକ୍ତର ଦୁଷ୍ୟନ୍ତ ଚୌହାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି ଯେ, ଥଣ୍ଡା ଦିନେ ଚା' କିମ୍ବା କଫି ଅଧିକ ପରିମାଣରେ ପିଇବା ଉଚିତ୍ ନୁହେଁ ଓ ଏଥିରୁ ବଞ୍ଚିବା ପାଇଁ କ'ଣ କରିବା ଜରୁରୀ ।

ଡାକ୍ତର କହିଛନ୍ତି, 'ଯଦିଓ ଆପଣ ଗରମ ଚା' ପିଉଛନ୍ତି, ଏହା ଆପଣଙ୍କ ହାଡ଼କୁ ଥଣ୍ଡା କରିପାରେ । ଏହି କଥା ଅଜବ ଲାଗିପାରେ, କିନ୍ତୁ ଏହା ପଛରେ ଏକ କାରଣ ଅଛି। ଶୀତଦିନ ଆସିବା ମାତ୍ରେ ଆମେ ନିଜକୁ ଉଷ୍ମ ରଖିବା ପାଇଁ ଅତ୍ୟଧିକ ଚା' କିମ୍ବା କଫି ପିଇବା ଆରମ୍ଭ କରିଦେଉ ଓ ଥଣ୍ଡା ଲାଗିବା କାରଣରୁ ଆମେ ପାଣି ପିଇବା କମ କରିଦେଉ ଯେଉଁଥିପାଇଁ ଶରୀର ଶୁଷ୍କ ହେବାକୁ ଲାଗେ । ଶରୀର ଶୁଷ୍କ ହେଲେ ଆଣ୍ଠୁ ମଧ୍ୟରେ ଥିବା କାର୍ଟିଲେଜ (ଦୁଇ ହାଡ଼ ମଧ୍ୟରେ କୁଶନ ଭାବରେ କାମ କରୁଥିବା ନରମ ସ୍ତର) ଶୁଖିବାକୁ ଲାଗେ । ଏହା ଦ୍ୱାରା ଦୁଇ ହାଡ଼ ପରସ୍ପର ସହ ଘସି ହୋଇ ଯନ୍ତ୍ରଣା ଦେଇଥାଏ । ତେଣୁ, ଶୀତଦିନେ ଶରୀରକୁ ଉଷ୍ମ ରଖିବା ଏବଂ ହାଡ଼ ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଚା' କିମ୍ବା କଫି ସୀମିତ ପରିମାଣରେ ପିଇବା ଉଚିତ୍।' ଡାକ୍ତର ଚୌହାନ ଆହୁରି କହିଛନ୍ତି ଯେ, ଶୀତଦିନେ ଚା' ଏବଂ କଫି ନିଶ୍ଚିତ ଭାବରେ ପିଇବା ଉଚିତ୍। କିନ୍ତୁ ପିଇବା ପୂର୍ବରୁ ପାଣି ପ୍ରଚୁର ପରିମାଣରେ ପିଅନ୍ତୁ। ଏହା ଆପଣଙ୍କ କାର୍ଟିଲେଜଗୁଡ଼ିକ ଶୁଷ୍କ ନହୋଇ ସୁସ୍ଥ ରହିଥାଏ। ତେଣୁ ଯଦି ଆପଣ ଚା' କିମ୍ବା କଫି ପିଉଛନ୍ତି, ତେବେ ପୂର୍ବରୁ ପାଣି ପିଇବାକୁ ଭୁଲନ୍ତୁ ନାହିଁ। ଏହା କେବଳ ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବ ନାହିଁ ବରଂ ଶୀତଦିନେ ଆଣ୍ଠୁ ଯନ୍ତ୍ରଣାରୁ ମଧ ମୁକ୍ତି ଦେବ।



**ଶୀତଦିନ ଆରମ୍ଭ ହୋଇଗଲେ ଲୋକମାନେ ନିଜ ଶରୀରକୁ ଉଷ୍ମ ରଖିବା ପାଇଁ ଚା' କିମ୍ବା କଫି ପିଇଥାନ୍ତି। ଏହା ଦ୍ୱାରା ଶୋଷ କମ୍ ଲାଗିଥାଏ। ତେଣୁ ଲୋକମାନେ ପାଣି ପିଇବା କମ୍ କରି ଦେଇଥାନ୍ତି। ଏହା କାରଣରୁ ଶରୀରରୁ ଜଳୀୟ ଅଂଶ କମିବାକୁ ଲାଗେ । ଆପଣ ଜାଣିଛନ୍ତି କି ଚା' କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ ।**

# ଥଣ୍ଡା, କାଶ ହେବା ସତ୍ତ୍ୱେ ଯାଉଛନ୍ତି କି ଅଫିସ୍ ? ଏମିତି ରଖନ୍ତୁ ଶରୀରର ଧ୍ୟାନ

ଶୀତଋତୁ ମାନେ ଥଣ୍ଡା, କାଶର ଋତୁ । ବାୟୁମଣ୍ଡଳରେ ଥଣ୍ଡାର ପବନ ବହିବା ସଙ୍ଗେ ସଙ୍ଗେ ମଣିଷ ଉପରେ ମଧ ଏହାର ପ୍ରଭାବ ପଡ଼େ । ଯୁଆଡ଼େ ଦେଖିବ ଖାଲି ଖୁଁ ଖୁଁ ଆଉ ଛୁଁ ଛୁଁ । ଏଭଳି ସ୍ଥିତିରେ ଔଷଧ ଖାଇ ବିଶ୍ରାମ ନନେଲେ ଥଣ୍ଡା ଛାଡ଼ିବାଟା କାଠିକର ପାଠ । ତେବେ ଅଫିସରେ ତ ଆଉ ଥଣ୍ଡା , କାଶ ପାଇଁ ଛୁଟି ଦିଆଯିବନି । କଷ୍ଟମଷ୍ଟେ କର୍ମକ୍ଷେତ୍ରକୁ ଯିବାକୁ





ହିଁ ପଡ଼େ । ଯଦି ଆପଣ ବି ଏଭଳି ସ୍ଥିତିରେ କାର୍ଯ୍ୟାଳୟକୁ ଯାଉଛନ୍ତି ତେବେ ଆପଣଙ୍କ ସହକର୍ମୀଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ତା'ଛଡ଼ା ବାରମ୍ବାର କାଶ , ଛିଙ୍କ କାମରେ ମଧ ପ୍ରଭାବ ପକାଏ । ଏହି ସ୍ଥିତିରେ ଜରୁରୀ ସାବଧାନତା ଆପଣାଇ ଆପଣ ନିଜକୁ ଏବଂ ସହକର୍ମୀଙ୍କୁ ସୁରକ୍ଷା ଦେଇପାରିବେ ।

**ମାସ୍କ ପିନ୍ଧନ୍ତୁ :** ଶରୀରରୁ ଥଣ୍ଡା ଛାଡୁନଥିଲେ ମାସ୍କ ପିନ୍ଧି ଅଫିସ୍ ଯାଆନ୍ତୁ । ଖାସ୍ କରି କଥାବାର୍ତ୍ତା ହେବା ସମୟରେ ମାସ୍କ ପିନ୍ଧନ୍ତୁ ଯାଦ୍ୱାରା ଆପଣଙ୍କ ଦ୍ୱାରା ଅନ୍ୟ କେହି ସଂକ୍ରମଣ ହେବେନାହିଁ । ଆପଣ ଏନ୯୫ କିମ୍ବା ସର୍ଜିକାଲ୍ ମାସ୍କର ବ୍ୟବହାର କରିପାରନ୍ତି । ଯାହାଦ୍ୱାରା ଭାଇରସ୍ ଏବଂ ବ୍ୟାକ୍ଟେରିଆକୁ ବ୍ୟାପିବାରୁ ରୋକାଯାଇପାରିବ ।

**ସାନିଟାଇଜ୍ କରନ୍ତୁ :** ହାତକୁ ନିୟମିତ ଭାବରେ ସାନିଟାଇଜ୍ କରନ୍ତୁ । ଖାସ୍ କରି କାଶ ଏବଂ ଛିଙ୍କ ଆସିବା ସମୟରେ ସାନିଟାଇଜ୍ କରିବା ଅଭ୍ୟାସ କରନ୍ତୁ । ଅଫିସ୍ ଡେସ୍କ ଯେଉଁଠି ଆପଣ ବସି କାମ କରୁଛନ୍ତି ସେଠାରେ ସାନିଟାଇଜର୍ ରଖନ୍ତୁ ଏବଂ ସହକର୍ମୀଙ୍କ ସହ ହ୍ୟାଣ୍ଡସେକ୍ କରିବାରୁ ଦୂରେଇ ରୁହନ୍ତୁ ।

**ସହକର୍ମୀଙ୍କଠାରୁ ଦୂରେଇ ରୁହନ୍ତୁ :** ଶରୀରକୁ ଥଣ୍ଡା, କାଶ ଆକ୍ରମଣ କଲେ ସହକର୍ମୀଙ୍କଠାରୁ ୧ ମିଟର ଦୂରତା ବଜାୟ ରଖନ୍ତୁ । ଯଦି ଅଫିସର କୌଣସି ମିଟିଂରେ ସାମିଲ୍ ହେଉଛନ୍ତି ତାହେଲେ ମାସ୍କ ପିନ୍ଧି ମିଟିଂରେ ଭାଗ ନିଅନ୍ତୁ ଏବଂ ସମସ୍ତଙ୍କଠାରୁ ଦୂରେଇ ବସନ୍ତୁ ।

**ଟିସ୍ୟୁ , ରୁମାଲ୍ ସାଙ୍ଗରେ ରଖନ୍ତୁ :** କାଶିବା ବା ଛିଙ୍କିବା ସମୟରେ ମୁହଁରେ ଟିସ୍ୟୁ ବା ରୁମାଲ୍ ଦେଇ ଛିଙ୍କନ୍ତୁ । ବ୍ୟବହାର ଟିସ୍ୟୁକୁ ବାରମ୍ବାର ମୁହଁରେ ନମାରି ଡଷ୍ଟବିନରେ ଫୋପାଡନ୍ତୁ । କିବୋର୍ଡ , ମାଉସ୍ , ଫୋନ୍ ଏବଂ ଡେସ୍କ କୁ କାମ ଆରମ୍ଭ କରିବା ପୂର୍ବରୁ ସାନିଟାଇଜରରେ ସଫା କରିନିଅନ୍ତୁ ।








ବର୍ଷର ଶେଷ ମାସରେ ମୁକ୍ତିଲାଭ କରିଥିବା ବଲିଉଡ ଷ୍ଟାର ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ବକ୍ସ ଅଫିସରେ ଧମାଲ କରିବାରେ ଲାଗିଛି। ରିଲିଜ୍ ହେବା ପରଠାରୁ ଫିଲ୍ମର ଚରିତ୍ର, ଗୀତ ଓ କାହାଣୀର ପ୍ରଶଂସା ଚାରିଆଡ଼େ। ସୋସିଆଲ ମିଡ଼ିଆକୁ ହାଇଜାକ୍ କରିନେଇଛି ଫିଲ୍ମର ଗୀତ। ଫୋନ ଖୋଲିବା ମାତ୍ରେ ଫିଲ୍ମର ବିଭିନ୍ନ ଗୀତ ଆଖି ଆଗରେ ପଡୁଛି। ଦିନକୁ ଦିନ ଅଧିକ ଦର୍ଶକଙ୍କ ଭଲ ପାଇବା ମିଳୁଥିବା ବେଳେ ଏହାର ପ୍ରଭାବ ଫିଲ୍ମର ଆୟରେ ପଡ଼ିଛି। ମୁକ୍ତିଲାଭର ୬ଦିନ ପରେ, ଫିଲ୍ମଟି ୧୮୦କୋଟି ପାର୍ କରିସାରିଛି।

ଶୁକ୍ରବାର ଦିନ ଏହି ସ୍ପାଏ-ଥ୍ରିଲରଟି ରିଲିଜ୍ ହୋଇଥିବା ବେଳେ ୨୮ କୋଟି ଟଙ୍କାରୁ ଫିଲ୍ମର ଆୟ ଆରମ୍ଭ ହୋଇଥିଲା। ଶନିବାର ଦିନ ଏହା ୩୨ କୋଟି ଟଙ୍କା ରୋଜଗାର କରିଥିବା ବେଳେ ରବିବାର ଦିନ ଫିଲ୍ମଟି ୪୩ କୋଟି ଟଙ୍କା ଆୟ କରିଥିଲା। ସୋମବାର ଲୋକଙ୍କ ବ୍ୟସ୍ତବହୁଳ ଜୀବନ ଆରମ୍ଭ ହେଉଥିବାରୁ ଆୟ ଟିକେ କମ୍ ହୋଇଥିଲା। ସୋମବାର ଫିଲ୍ମଟି ୨୩.୨୫ କୋଟି ଟଙ୍କା ଆୟ କରିଥିବା ବେଳେ ମଙ୍ଗଳବାର ଦିନ ଏହା ୨୭ କୋଟି ଟଙ୍କା ଏବଂ ବୁଧବାର ଦିନ ୨୬.୫୦ କୋଟି ଟଙ୍କା ରୋଜଗାର କରିଥିଲା। ଛଅ ଦିନର ମୋଟ ଆୟ ଏବେ ୧୮୦ କୋଟି ଟଙ୍କାରେ ପହଞ୍ଚିଛି। ଫିଲ୍ମ ରିଲିଜ୍ ପରେ ଏହାର କାହାଣୀ ଓ ଏଥିରେ ଥିବା କଳାକାର ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛନ୍ତି। ଅନେକ ଫ୍ଲପ ଫିଲ୍ମ ଦେବା ପରେ ରଣବୀର ଏବେ ଏହି ଫିଲ୍ମକୁ ନେଇ ଆଶାବାଦୀ ଅଛନ୍ତି। ଫିଲ୍ମରେ ତାଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରାଯାଉଛି। ଫିଲ୍ମର ରଣବୀରଙ୍କ ବ୍ୟତୀତ ଅର୍ଜୁନ ରାମପାଲ, ଅକ୍ଷୟ ଖାନ୍ନା, ଆର. ମାଧବନ, ସଞ୍ଜୟ ଦତ୍ତ, ସାରା ଅର୍ଜୁନଙ୍କ ଭଳି କଳାକାର କାମ କରିଛନ୍ତି।

# ୧୯ ମାର୍ଚ୍ଚ, ୨୦୨୬ରେ ବଡ଼ ବକ୍ସ ଅଫିସ୍ ଟକ୍କର: ଏକାସଙ୍ଗରେ ୪ ଫିଲ୍ମ ରିଲିଜ୍



୨୦୨୫ ବର୍ଷ ଶେଷ ହେବାକୁ ଯାଉଛି, ଏବଂ ୨୦୨୬ ପ୍ରାୟ ପାଖେଇ ଆସୁଛି। ଏହି ବର୍ଷ ବଲିଉଡରୁ ଦକ୍ଷିଣ ପର୍ଯ୍ୟନ୍ତ ଅନେକ ଉତ୍କୃଷ୍ଟ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ଆସନ୍ତା ବର୍ଷ ମଧ୍ୟ ଅନେକ ବ୍ଲକବଷ୍ଟର ମୁକ୍ତିଲାଭ କରିବ। ଇଦ୍ ପାଇଁ ସିନେମା ହଲ୍ ଭିଡ଼ ହେବ ବୋଲି ଆଶା କରାଯାଉଛି। ୧୯ ମାର୍ଚ୍ଚ, ୨୦୨୬ ସିନେମା ପ୍ରେମୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଦ୍ୱନ୍ଦ୍ୱ ଆଣିବ। ପ୍ରକୃତରେ, ଏହି ଦିନ ତିନୋଟି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଏକକାଳୀନ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।

ରଣବୀର ସିଂହଙ୍କ ଫିଲ୍ମ- ଧୁରନ୍ଧର: "ବକ୍ସ ଅଫିସରେ ହଇଚଇ ସୃଷ୍ଟି କରୁଛି। ନିର୍ମାତାମାନେ "ଧୁରନ୍ଧର"ର ଦ୍ୱିତୀୟ ଭାଗ ରିଲିଜ୍ ହେବା ପରେ ତୁରନ୍ତ ଘୋଷଣା କରିଥିଲେ। "ଧୁରନ୍ଧର - ପାର୍ଟ ୨" ଆସନ୍ତା ବର୍ଷ ମାର୍ଚ୍ଚ ୧୯ ତାରିଖରେ ସିନେମା ହଲରେ ଆସିବାର ଯୋଜନା ରହିଛି। ଏହି ଫିଲ୍ମରେ ପୁଣି ଥରେ ରଣବୀର ସିଂହ, ଆର. ମାଧବନ, ଅର୍ଜୁନ ରାମପାଲ ଏବଂ ସଞ୍ଜୟ ଦତ୍ତ ଅଭିନୟ କରିଛନ୍ତି। ତଥାପି, ଅକ୍ଷୟ ଖାନ୍ନା କୌଣସି ଭୂମିକାରେ ଦେଖାଦେବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଟକ୍ସିକ - ଏ ଫେୟାର ଟେଲ୍: "ଟକ୍ସିକ - ଏ ଫେୟାର ଟେଲ୍" ମଧ୍ୟ ଏହି ଦିନ ମୁକ୍ତି ଲାଭ କରିବ। ସାଉଥ୍ ସୁପରଷ୍ଟାର ଯଶଙ୍କ ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରୁ ଗୋଟିଏ। ଏହି ଫିଲ୍ମରେ ବଲିଉଡ ଷ୍ଟାର କିଆରା ଆଡଭାନୀ, ତାରା ସୁତାରିଆ ଏବଂ ହୁମା କୁରେଶୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ନୟନତାରା, ରୁକ୍ମିଣୀ ବସନ୍ତ ଏବଂ ଅକ୍ଷୟ ଓବେରୟ ମଧ୍ୟ "ଟକ୍ସିକ - ଏ ଫେୟାର ଟେଲ୍" ରେ ନଜର ଆସିବେ।

ଡକେତ- ଏକ ପ୍ରେମ କଥା: ଏହା ମଧ୍ୟ ୧୯ ମାର୍ଚ୍ଚ, ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ "ଧୁରନ୍ଧର - ପାର୍ଟ ୨" ଏବଂ "ଟକ୍ସିକ - ଏକ ଫେୟାର ଟେଲ୍" ସହିତ ପ୍ରତିଯୋଗିତାର ସମ୍ମୁଖୀନ ହେବ। "ଡକେତ - ଏକ ପ୍ରେମ କଥା"ରେ ମୃଣାଲ ଠାକୁର ଏବଂ ଆଦିଭି ସେଶ୍ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରକାଶ ରାଜ ଏବଂ ଅନୁରାଗ କଶ୍ୟପ ମଧ୍ୟ ଏହି ଚଳଚ୍ଚିତ୍ରର ଅଂଶ ହେବେ।

ଷ୍ଟ୍ରିଟ୍ ଫାଇଟର: ଇଂରାଜୀ ଭାଷାର ଫିଲ୍ମ "ଷ୍ଟ୍ରିଟ୍ ଫାଇଟର" ମଧ୍ୟ ୧୯ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ରିଲିଜ୍ ହେବ। ଏହି ଆକ୍ସନ୍-ଆଡଭେଞ୍ଚର ଫିଲ୍ମଟି କିଟାଓ ସାକୁରାଇଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଛି।




ଆଇଟମ୍ ଗର୍ଲ ନିଶା ମହାରଣାଙ୍କ ପାଇଁ ହଙ୍ଗମା। ଷ୍ଟେଜ ଉପରକୁ ଉଡ଼ିଲା ଚେୟାର, ତାତିଲେ ଫ୍ୟାନ୍ସ, କାହିଁକି ଆସିଲେ ନାହିଁ ନିଶା ମହାରଣା ? ନିଶା ନାହାନ୍ତି ତ ଯାତ୍ରା ବନ୍ଦ। ଆମେ ଦେଖିବୁନି ଯାତ୍ରା। ଷ୍ଟେଜ ଉପରକୁ ମାଡ଼ ହେଲା ଚେୟାର ରାଗି ଲାଲ ପଡ଼ିଗଲେ ଦର୍ଶକ। ରାଗ ତମତମ ହୋଇ ଷ୍ଟେଜକୁ ଫୋପାଡିଲେ ଗୋଟିଏ ପରେ ଗୋଟି ଚେୟାର। ଯାତ୍ରା ମଞ୍ଚ ଉପରେ ପଡ଼ିଲା ଗଣ୍ଡା ଗଣ୍ଡା ଚେୟାର। ମଞ୍ଚ ତଳେ ହୋହଲ୍ଲା କଲେ ଦର୍ଶକ। ନିଶା କୁଆଡେ ଗଲେ ବୋଲି କମ୍ପିଲା ପେଣ୍ଡାଲ ? ନିଶା ମହାରଣା, ନିଶା ମହାରଣା ବୋଲି ବଡ଼ ପାଟିରେ କଲେ ଚିତ୍କାର। ଉପସ୍ଥିତ ଯାତ୍ରା କର୍ମଚାରୀ ଲୋକମାନଙ୍କୁ ବୁଝାସୁଝା କଲେ ବି ବୁଝିଲେନି ଜନତା।

ଏହି ଘଟଣାଟି ଘଟିଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ । ଅଷ୍ଟଶମ୍ଭୁ ଅପେରା ଏଠାରେ ଯାତ୍ରା କରୁଥିଲା। କାଲିଥିଲା ଶେଷ ରାତି। ଗତକାଲି ରାତିରେ ନିଶା ମହାରଣା ଦେଖାଇଥାନ୍ତେ ନିଜ ଜଲୱା। ଆଇଟମ ଗର୍ଲଙ୍କ ନୃତ୍ୟରେ ଝୁମିଥାନ୍ତେ ଦର୍ଶକ। ହେଲେ ସବୁ ଓଲଟପାଲଟ ହୋଇଯାଇଥିଲା। ନିଜର ଫ୍ୟାନ୍ସମାନଙ୍କୁ ନିଜ ନାଚରେ ମତୁଆଲା କରିବା ପାଇଁ ନିଶା ବି ଲକ୍ଷ୍ମୀପୁରରେ ଆସି ପହଂଚିଥିଲେ। ତେବେ ନିଶା ମହାରଣାଙ୍କୁ ପୋଲିସ ପ୍ରଶାସନ ଦେଇନଥିଲା ଅନୁମତି। ଯାହା ଫଳରେ ସେ ଆଉ ଷ୍ଟେଜ ଉପରକୁ ଯାଇନଥିଲେ।

ତେଣେ ଭିତରେ ଥିବା ଦର୍ଶକ, ଯେଉଁମାନେ ନିଶା ମହାରଣାଙ୍କୁ ଦେଖିବାପାଇଁ ଆସିଥିଲେ...ସେମାନଙ୍କ ଭିତରେ ଦେଖା ଦେଇଥିଲା ଅସନ୍ତୋଷ । ଷ୍ଟେଜ ଉପରକୁ ଚେୟାର ମାଡ଼ କରିବା ସହ ଯାତ୍ରା ବନ୍ଦ କରି ଦେଇଥିଲେ ଦର୍ଶକ। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣା ଏବେ ଚର୍ଚ୍ଚାର କାରଣ ପାଲଟିଛି।

# ପ୍ରଯୋଜକରୁ ବିଚାରକ: ଅନ୍ତର୍ଜାତୀୟ ଅଲିମ୍ପିଆ ଫିଲ୍ମ ଫେଷ୍ଟିଭାଲରେ ଜୁରି ସଦସ୍ୟ ଭାବରେ ମନୋନୀତ ହେଲେ ଜିତେନ୍ଦ୍ର ମିଶ୍ର



ଭାରତୀୟ ଚଳଚ୍ଚିତ୍ର ନିର୍ମାତା ତଥା ଓଡ଼ିଆ ପୁଅ ଜିତେନ୍ଦ୍ର ମିଶ୍ରଙ୍କୁ ଗ୍ରୀସରେ ଥିବା ଅଲିମ୍ପିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ଜୁରି ସଦସ୍ୟ ଭାବରେ ମନୋନୀତ କରାଯାଇଛି। ପ୍ରଥମ ଭାରତୀୟ ଭାବେ ଜିତେନ୍ଦ୍ରଙ୍କୁ ଏହି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ବିଚାରକ ଭାବେ ମନୋନୀତ କରାଯାଇଥିବାବେଳେ ଏହା ଉଭୟ ଭାରତ ଓ ଓଡିଶା ପାଇଁ ଗର୍ବ ଆଣିଛି। ମିଳିଥିବା ସୂଚନା ମୁତାବକ ଜିତେନ୍ଦ୍ର ଆନ୍ତର୍ଜାତୀୟ ଫିଚର ଫିଲ୍ମ ପ୍ରତିଯୋଗିତାରେ ଜୁରି ଭାବରେ କାର୍ଯ୍ୟ କରିବେ ଏବଂ ଚାରି ଜଣ ବିଶିଷ୍ଟ ଜୁରିଙ୍କ ସହିତ 'ଶିଶୁ ଏବଂ ଯୁବପିଢ଼ି ପାଇଁ ସର୍ବୋତ୍ତମ ଗ୍ରୀକ୍ କ୍ଷୁଦ୍ର ଚଳଚ୍ଚିତ୍ର - ଟ୍ରେସେସ୍: ଏକ ଆଧୁନିକ ଗ୍ରୀକ୍ ସିନେମା ଆଡ଼କୁ' ଏକ ସ୍ୱତନ୍ତ୍ର ବିଭାଗରେ ବିଚାରକ ଭାବରେ କାର୍ଯ୍ୟ କରିବେ । ଜିତେନ୍ଦ୍ରଙ୍କ ସହ ଏହି ଜୁରୀ ତାଲିକାରେ ଜର୍ମାନୀର ଭିଓଲା ଗାବ୍ରିଏଲି, ସ୍ଲୋଭାକିଆ/ଚେକ୍ ଗଣରାଜ୍ୟର ରାଡକା ହଫମାନ ଏବଂ ଏଷ୍ଟୋନିଆର କାର୍ଟ ଭାଇନୋଲା ପ୍ରମୁଖ ସାମିଲ ହୋଇଛନ୍ତି । ୧୯୯୭ ମସିହାରେ ଇଲିଆରେ ପ୍ରତିଷ୍ଠିତ ଅଲିମ୍ପିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଶିଶୁ ଏବଂ ଯୁବପିଢ଼ି ପାଇଁ ବିଶ୍ୱସ୍ତରୀୟ ସିନେମାକୁ ପ୍ରୋତ୍ସାହିତ କରେ, ସୃଜନଶୀଳତା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରେ। ବିବିଧ ଚଳଚ୍ଚିତ୍ର, କର୍ମଶାଳା ଏବଂ କ୍ୟାମେରା ଜିଜାନିଓ ଯୁବ ପ୍ରଦର୍ଶନୀ ସହିତ, ଏହା ଯୁବ ସ୍ରଷ୍ଟାମାନଙ୍କୁ ପ୍ରୋତ୍ସାହନ ଦେଇଥାଏ । ଉଲ୍ଲେଖ ଥାଉ କି, ଓଡ଼ିଶାର ଟିଟିଲାଗଡ଼ରେ ଜନ୍ମିତ ଜିତେନ୍ଦ୍ର ମିଶ୍ର ସେହି କିଛି ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରମୋଟରଙ୍କ ମଧ୍ୟରୁ ଜଣେ, ଯେଉଁମାନେ ଅନ୍ତର୍ଜାତୀୟ ମଞ୍ଚରେ ସ୍ୱାଧୀନ ଏବଂ ଭାରତୀୟ ଆଞ୍ଚଳିକ ସିନେମା ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛନ୍ତି। ଜିତେନ୍ଦ୍ର ବର୍ତ୍ତମାନ ଉଓରଉଔ (ଇଣ୍ଟରନ୍ୟାସନାଲ୍ ସେଣ୍ଟର ଅଫ୍ ଫିଲ୍ମସ୍ ଫର୍ ଚିଲଡ୍ରେନ୍ ଆଣ୍ଡ୍ ୟୁଥ୍) ର ସଭାପତି ଭାବରେ ନେତୃତ୍ୱ ନେଉଛନ୍ତି। ୧୯୫୫ ମସିହାରେ ଟଘରଝଉଙ୍ଗ ର ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ଏବଂ ଏଥେନ୍ସରେ ମୁଖ୍ୟାଳୟ ଥିବା ଉଓରଉଔ ବିଶ୍ୱର ସବୁଠାରୁ ପୁରୁଣା ଏବଂ ବୃହତ୍ତମ ବିଶ୍ୱସ୍ତରୀୟ ମିଡିଆ ନେଟୱାର୍କ ମଧ୍ୟରୁ ଗୋଟିଏ। ୧୦୦ ରୁ ଅଧିକ ଚଳଚ୍ଚିତ୍ର - ଦି ଲାଷ୍ଟ କଲର, ଡିଜାୟର୍ସ ଅଫ୍ ଦି ହାର୍ଟ, ଆଇ ଆମ୍ କଲାମ ଏବଂ ଦି ସାଇଲେଣ୍ଟ ଏପିଡେମିକ୍ - ସହିତ ଜିତେନ୍ଦ୍ର ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି, ଯେଉଁଥିରେ ଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭାରତର ପ୍ରତିଷ୍ଠିତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଥିଲେ ।

# ସାହିତ୍ୟ, ଶିକ୍ଷା ଓ ସଂସ୍କୃତିର ପ୍ରିୟ ମଣିଷ ମହେଶ୍ୱର ଦାସ



ଓଡ଼ିଶାର ସାହିତ୍ୟ, ଶିକ୍ଷା ଓ କଳା ସଂସ୍କୃତିର ଜଣେ ପ୍ରିୟ ମଣିଷ ହେଉଛନ୍ତି ମହେଶ୍ୱର ଦାସ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ଗ୍ରାମ ପଞ୍ଚାୟତର ପାନପୁର ଗ୍ରାମରେ ଶ୍ରୀ ଦାସ ୧୯୮୩ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତାଙ୍କ ନାମ ଭାସ୍କର ଚନ୍ଦ୍ର ଦାସ ଓ ମାତାଙ୍କ ନାମ କମଳାମଣି ଦାସ। ତାଙ୍କର ପତ୍ନୀ ସବିତା ରାଣୀ ସୂତାର ଓ ପୁତ୍ର ପରମେଶ୍ୱର ଦାସ ଙ୍କୁ ନେଇ ସୁଖ ଦୁଃଖର ସଂସାର ରଥ ଗଡି ଚାଲିଛି। ବର୍ତ୍ତମାନ ମହେଶ୍ୱର ପାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। ସାହିତ୍ୟ ଜଗତରେ ମହେଶ୍ୱର ଖୁବ୍ ପରିଚିତ। ସେ କବିତା ଲେଖିବା ସହିତ ସାହିତ୍ୟ ପତ୍ରିକା ସମ୍ପାଦନା କରିଥାଆନ୍ତି। ଛୁଁ ଛୁଁ ଓ କବିତା ସୁନାଫୁଲ ନାମରେ ମହେଶ୍ୱର ଦାସଙ୍କର ଦୁଇଟି କବିତା ପୁସ୍ତକ ପ୍ରକାଶ ପାଇଛି। ଚୂନା ଚୂନା ସୁନାଫୁଲ ଶିଶୁ କିଶୋର ସାହିତ୍ୟ ପତ୍ରିକାର ସମ୍ପାଦକ ଭାବେ ମହେଶ୍ୱର ଦାସ ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିଚୟ ପାଇଛନ୍ତି ଓ ଆମ ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଉନ୍ନତି ପାଇଁ କାର୍ଯ୍ୟ କରି ଆଗେଇ ଚାଲିଛନ୍ତି। ମା ଭେଡା ନାୟକାଣୀ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଭାବେ ମଧ୍ୟ ଶ୍ରୀ ଦାସ ଦାୟିତ୍ୱ ତୁଲାଇଥାଆନ୍ତି। ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ବାଇଧର ନାୟକ, ଡକ୍ଟର ମନୀନ୍ଦ୍ର ମହାନ୍ତି, ଗୀତିକାର ପୀତାମ୍ବର ମିଶ୍ର, କବି ଓ ଗୀତିକାର ଅଜୟ ଦାସ, ଇଞ୍ଜିନିୟର ଅଭୟ ସୂତାର, ଶିକ୍ଷାବିତ୍ ରାଧାଶ୍ୟାମ ଦାସ, ଗୀତିକାର ପଞ୍ଚାନନ ନାୟକ, କବି ବାଦଲ ମହାନ୍ତି,କବି ବିପ୍ଳବ ରଞ୍ଜନ ପତି, କବି ମନୋରଞ୍ଜନ ମୁଦୁଲି, ଅକ୍ଷୟ ସାର୍, ବୈକୁଣ୍ଠ ସାର୍ ଙ୍କୁ ମହେଶ୍ୱର ଅଧିକ ପସନ୍ଦ କରନ୍ତି। ଶ୍ରୀ ଦାସ ଅଧିକାଂଶ ସମୟରେ ପୁରାତନ ଓଡିଆ ଚଳଚ୍ଚିତ୍ର, ଯାତ୍ରା ଜଗତର ପୁରାତନ ନାଟକ ଓ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥାଆନ୍ତି। ଅନେକ ଲୋକ ସହର ଅଭିମୁଖେ ଗତି କରୁଥିଲେ ମଧ୍ୟ ମହେଶ୍ୱର ଗାଁ ମାଟିରେ ରହି ପିଲା ମାନଙ୍କୁ ପାଠ ପଢ଼ାଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ମିଶି ସେମାନଙ୍କୁ ଠିକ୍ ଭାବେ ଗଠନ କରି ପାରିଛନ୍ତି। ପରିବେଶର ସୁରକ୍ଷା ପାଇଁ ମହେଶ୍ୱର ଅନେକ ସମୟରେ ବୃକ୍ଷ ରୋପଣ କରିଥାନ୍ତି। ଈଶ୍ୱରଙ୍କ କୃପାରୁ ଯୁବ କବି ମହେଶ୍ୱର ଦାସଙ୍କ ସମସ୍ତ ଲକ୍ଷ୍ୟ ଓ ସ୍ୱପ୍ନ ପୂରଣ ହେଉ ଏବଂ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହା ହିଁ କାମନା।

**ଉପସ୍ଥାପନା:**
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଓଡିଆରେ ନାମଫଳକ ଲେଖିବା ନିର୍ଦ୍ଦେଶକୁ ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନଙ୍କର ବେଖାତିର

କେନ୍ଦୁଝର, ୧୧/୧୨ (ନି.ପ୍ର): ଓଡିଆ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ,୧୯୫୬ର ଧାରା ୪(୨) ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ସ୍ପଷ୍ଟ ଭାବେ ଓଡିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି । ତେବେ କେନ୍ଦୁଝର ସହର ସମେତ ଜିଲ୍ଲାରେ ବାଣିଜ୍ୟିକ ସଂସ୍ଥା,ପ୍ରଶାସନିକ ବିଭାଗ ଗୁଡିକ ଏହି ଆଇନକୁ ବେଖାତିର କରୁଥିବା ଅଭିଯୋଗ ହେଉଛି । ୨୦୨୫ ମସିହାରେ ଭାଷା ଖିଲାପକାରୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୮୯୬ ଜଣଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ ଏବଂ ୧୩୦ଜଣଙ୍କ ନାମରେ ପ୍ରୋସିକ୍ୟୁସନ କରାଯାଇ ଜରିମାନା ହୋଇଛି । କିନ୍ତୁ କେନ୍ଦୁଝର ଜିଲ୍ଲାରେ ଓଡିଆରେ ନାମଫଳକ ଲେଖିନଥିବା ମାତ୍ର ୪ଟି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ କରି ଶ୍ରମ ବିଭାଗ ନିଜ ଦାୟିତ୍ୱ ଶେଷ କରିଦେଇଛି । ଓଡିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଉଦ୍ଦେଶ୍ୟରେ ନିୟମ ପ୍ରଣୟନ କରାଯାଇଛି ଏବଂ ଉକ୍ତ ଆଇନ ଅନୁଯାୟୀ ସମସ୍ତ ପ୍ରତିଷ୍ଠାନ ଓଡିଆ ଭାଷାରେ ନାମଫଳକ ପ୍ରଦର୍ଶନକୁ ବାଧ୍ୟତାମୂଳକ କରାଯାଇଛି । ଏଥିରେ ଖିଲାପ କଲେ କଠିନ ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଛି । ଏହି ଆଇନର କୌଣସି ପ୍ରକାର ଉଲ୍ଲଙ୍ଘନ କଲେ ପ୍ରଥମ ଥର ପାଇଁ ଅନ୍ୟୁନ ଏକ ହଜାର ଓ ସର୍ବାଧିକ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ଦ୍ୱିତୀୟ ଥର ପାଇଁ ଅନ୍ୟୁନ ୨ ହଜାର ଟଙ୍କା ଓ ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା କରାଯାଇଛି । କେନ୍ଦୁଝର ସହରର ଶହ ଶହ ବାଣିଜ୍ୟିକ ଅନୁଷ୍ଠାନ,ବେସରକାରୀ ଅଫିସ ଓ ଅନେକ ସରକାରୀ କାର୍ଯ୍ୟାଳୟରେ ନାମଫଳକଗୁଡିକ ଏବେ ପର୍ଯ୍ୟନ୍ତ ଓଡିଆରେ ଲେଖାଯାଇନାହିଁ । ସରକାରଙ୍କ ନିର୍ଦ୍ଦେଶକୁ ସଂପୃକ୍ତ ସଂସ୍ଥାଗୁଡିକ ବେଖାତିର କରୁଥିବାବେଳେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଓଡିଶାରେ ଥିବା କେନ୍ଦ୍ରୀୟ ସଂସ୍ଥା ହେଉ କିମ୍ବା ରାଜ୍ୟ ସରକାରଙ୍କ ସଂସ୍ଥା,ଉଦ୍ୟୋଗୀକ ସଂସ୍ଥା ପ୍ରଭୃତି କାର୍ଯ୍ୟାଳୟମାନଙ୍କରେ ଅନ୍ୟାନ୍ୟ ଭାଷା ସହ ନିଜ ସାଇନବୋର୍ଡରେ ଓଡିଆ ଭାଷା ସଂପର୍କରେ ଲେଖିବା ବାଧ୍ୟତାମୂଳକ ଅଟେ । କିନ୍ତୁ କେନ୍ଦୁଝର ଜିଲାରେ ଏହାର ବ୍ୟତିକ୍ରମ ଦେଖାଯାଉଛି । ତେଣୁ ଓଡିଆ ଭାଷା ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଲାଣି । କେନ୍ଦୁଝର ଜିଲାରେ ଓଡିଶା ସରକାରୀ ଭାଷା ଅଧିନିୟମ ପ୍ରଚଳିତ ହେବା ପରେ ଖିଲାପ କରୁଥିବା ସମସ୍ତ ଅନୁଷ୍ଠାନ ଉପରେ କଡା ପଦକ୍ଷେପ ନେବାକୁ ଉତ୍କଳ ସମ୍ମିଳନୀ କେନ୍ଦୁଝର ଜିଲା ସଭାପତି ଡକ୍ଟର ବିଦ୍ୟାଧର ବେହେରା ଦାବୀ କରିଛନ୍ତି ।

# ସମ୍ବଲପୁରରେ ରାଜ୍ୟସ୍ତରୀୟ ବିଶ୍ୱ ମାନବ ଅଧିକାର ଦିବସ
## 'ଅଧିକାର ସୁରକ୍ଷିତ ହେଲେ ସମାଜ ସମୃଦ୍ଧ ହୁଏ': ରାଜ୍ୟପାଳ

ସମ୍ବଲପୁର, ୧୧/୧୨ (ନି.ପ୍ର): ଅଧିକାର ସୁରକ୍ଷିତ ହେଲେ ସାମାଜ ସୁଦୃଢ଼ ହୁଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ବୁଧବାର ଦିନ ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ସମ୍ବଲପୁରଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହିତ ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ଅଧିକାରଗୁଡ଼ିକ କେବଳ ଆଇନ ମାଧ୍ୟମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଏବଂ ଗୋଷ୍ଠୀମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ନିଜ ଉଦବୋଧନରେ ରାଜ୍ୟପାଳ କହିଛନ୍ତି ଯେ ବିଶ୍ୱ ମାନବାଧିକାର ଦିବସ ଏକ ସ୍ମରଣକାରୀ ଦିବସ ଭାବରେ କାର୍ଯ୍ୟ କରେ ଯାହା ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରାଇବା, ସମାଜରେ ଭେଦଭାବର କୌଣସି ସ୍ଥାନ ନ ରହିବା ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନର ସହିତ ବଂଚିବାର ସୁଯୋଗ ମିଳିବା ଆବଶ୍ୟକ ବୋଲି ସ୍ମରଣ କରାଇଦିଏ। ଚଳିତ ବର୍ଷର ବିଷୟବସ୍ତୁ 'ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା' ଉପରେ ଆଲୋକପାତ କରି ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, ନିରାପଦ କାର୍ଯ୍ୟ ପରିବେଶ, ଖାଦ୍ୟ, ପାଣି, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଯେତେବେଳେ ଏହି ଅଧିକାର ଗୁଡ଼ିକୁ ବଜାୟ ରଖାଯାଏ ସମାଜ ସମୃଦ୍ଧ ହୁଏ; ଯେତେବେଳେ ପ୍ରତ୍ୟାଖ୍ୟାନ କରାଯାଏ ସମାଜରେ ଅବକ୍ଷୟ ଦେଖାଯାଏ ବୋଲି ରାଜ୍ୟପାଳ କହିଥିଲେ। ୧୯୪୮ ମସିହାରେ ମାନବାଧିକାରର ଘୋଷଣାନାମା ଗ୍ରହଣକୁ ମନେ ପକାଇ ରାଜ୍ୟପାଳ କହିଥିଲେ ଯେ ଏହା ମାନବ ସଭ୍ୟତାରେ ଏକ ମୋଡ଼ ପରିବର୍ତନ କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମର୍ଯ୍ୟାଦା, ସ୍ୱାଧୀନତା, ସମାନତା ଏବଂ ନ୍ୟାୟକୁ ନିଶ୍ଚିତ କରୁଛି। ମାନବାଧିକାର ପରିଷଦ ଏବଂ ୟୁନିଭର୍ସାଲ ପିରିଅଡ଼ିକ ରିଭ୍ୟୁ, ସ୍ୱତନ୍ତ୍ର ସମ୍ମିଳନୀ ଏବଂ ଉତର ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଏକ ଦୃଢ଼ ବିଶ୍ୱ ମାନବାଧିକାର ଢାଂଚା ନିର୍ମାଣ ପାଇଁ ଜାତିସଂଘକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ବିଶ୍ୱସ୍ତରରେ ଭାରତର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ ଦେଶ ୟୁନିଭର୍ସାଲ ଡିକ୍ଲାରେସନ ଅଫ ହ୍ୟୁମାନ ରାଇଟ୍ସ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଭାରତ ପ୍ରାରମ୍ଭରୁ ବର୍ଣ୍ଣବୈଷମ୍ୟ ଭଳି ପ୍ରସଙ୍ଗ ଉଠାଇଛି ଏବଂ ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା, ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସୁଗମତା ସୁନିଶ୍ଚିତ କରିବା ଯୋଜନା ମାଧ୍ୟମରେ ମାନବାଧିକାରକୁ ସୁଦୃଢ଼ କରିଛି। ପିଏମଜିକେଏୱାଇ , ପିଏମଏୱାଇ, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଏବଂ ସୁଗମ୍ୟ ଭାରତ ଅଭିଯାନ ଭଳି ପଦକ୍ଷେପ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଶୈଳୀକୁ ଉନ୍ନତ କରିଛି। ଓଡ଼ିଶା ମାନବାଧିକାର ଆୟୋଗର ମାନ୍ୟବର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଗର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ସ୍ୱତଃସ୍ଫୁର୍ତ ଭାବେ ଅଭିଯୋଗର ପଞ୍ଜିକରଣ କରିବା, ଅଭିଯୋଗର ତୁରନ୍ତ ସମାଧାନ ଏବଂ ଦୁର୍ବଳ ଗୋଷ୍ଠୀକୁ ସୁରକ୍ଷା ଦେବା ପାଇଁ ଆୟୋଗର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତିକରଣ ଏବଂ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ, ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲସନ ଏବଂ ପୂର୍ବତନ ଡିଜିପି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ମଂଚାସୀନ ଥିଲେ। ଓଡ଼ିଶା ମାନବାଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମାନବାଧିକାର ଆୟୋଗ ସଦସ୍ୟ ଚିତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟା ବୃଦ୍ଧାଙ୍କରଏକାଦଶାହ ବୃଦ୍ଧାଶ୍ରମରେ ପାଳନ କଲେ ସ୍ୱେଚ୍ଛାସେବୀ ସଂଗଠନ

କୋରେଇ, ୧୧/୧୨ (ନି.ପ୍ର): ଅସହାୟ ଭାବେ ରହିଥିବା ଜଣେ ବୃଦ୍ଧାଙ୍କର ମୃତ୍ୟୁ ପରେ ତାଙ୍କର ଶବ ସତ୍କାର କରିବା ସହିତ ଏକାଦଶାହ କ୍ରିୟା ବୃଦ୍ଧାଶ୍ରମରେ ପାଳନ କରିଛନ୍ତି କୋରାଇର ସୁପରିଚିତ ନିସ୍ୱାର୍ଥପର ସମାଜସେବା ସଙ୍ଗଠନର ସଦସ୍ୟ ମାନେ। ପ୍ରକାଶଯେ କୋରାଇ ବ୍ଲକ ଅନ୍ତର୍ଗତ ଗୌରପୁର ପଂଚାୟତର ଇଚ୍ଛାପୁର ଗ୍ରାମରେ ଏକ ପଲିଥିନ ତଳେ ଆଶ୍ରୟ ନେଇଥିବା ଏକ ବୃଦ୍ଧଦମ୍ପତି ନିରଂଜନ ଜେନା (୮୦) ଓ ତାଙ୍କ ପତ୍ନୀ ଦୁଃଖି (୭୬) ଦୟନୀୟ ଅବସ୍ଥାରେ ରହିଥିଲେ। ଏକଥା ଜାଣିବା ପରେ ଉକ୍ତ ସଙ୍ଗଠନର ସଦସ୍ୟମାନେ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ଉକ୍ତ ଦମ୍ପତିଙ୍କ ନିମନ୍ତେ ଏକ ବଖରା ଆଜବେଷ୍ଟସ ଘରଟିଏ ନିର୍ମାଣ କରିଦେଇଥିଲେ। କିନ୍ତୁ ଗତ ୨୦୨୪ ଡ଼ିସେମ୍ବର ୧୮ ତାରିଖ ଦିନ ନିରଂଜନ ରୋଗରେ ପଡ଼ି ମୃତ୍ୟୁ ବରଣ କରିବା ପରେ ସଙ୍ଗଠନର ସଦସ୍ୟ ମାନେ ତାଙ୍କର ଶବସତ୍କାର କରିବା ସହିତ ଏକାଦଶାହ କ୍ରିୟା ପାଳନ କରିଥିଲେ। ତେବେ ଗତ ମାସ ୨୮ ତାରିଖ ଦିନ ଦୁଃଖି ମଧ୍ୟ ମୃତ୍ୟୁ ବରଣ କରିଥିଲେ। ସଙ୍ଗଠନର ସଦସ୍ୟ ମାନେ ପହଂଚି ଦୁଃଖିଙ୍କର ମଧ୍ୟ ଶବ ସତ୍କାର କରିଥିଲେ। ପରେ ଦୁଃଖିଙ୍କର ଏକାଦଶାହ କ୍ରିୟାକୁ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ ଶେଷ ପରିଚୟରେ ପାଳନ କରିଛନ୍ତି। ପ୍ରାରମ୍ଭରେ ଦୁଃଖିଙ୍କ ଆତ୍ମାର ସଦଗତି ନିମେନ୍ତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥି ନିମନ୍ତେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି,ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ,ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ତାରିଣୀ କୁମାର ପଟ୍ଟନାୟକ, କୁନା ମହୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଗ୍ରୁପର ସଭାପତି ମେଘନାଦ ଜେନା,ସମ୍ପାଦକ ବିନାୟକ ବେହେରା, ଜଗବନ୍ଧୁ ବୋଇତେଇ, ନିରଂଜନ ବେହେରା, ପ୍ରଭଂଜନ ସାହୁ, ସୋନାଲି ସାମଲ, ଦିବାକର ବେହେରା, ସରସ୍ୱତୀ ଜେନା, ସରୋଜ ବୋଇତାଇ, ରାଧେଶ୍ୟାମ ସାହୁ, ଅଜିତ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାରେ ଲକ୍ଷ ଲକ୍ଷ ଶ୍ରମିକ ସର୍ବନିମ୍ନ ମଜୁରୀରୁ ବଞ୍ଚିତ ଥିବା ବେଳେ ବିଧାୟକମାନେ ମାସିକ ୩ଲକ୍ଷ ୪୫ ହଜାର ଟଙ୍କା ହାରରେ ବକେୟା ସହ ଭତ୍ତା ନେଇ ପଳାଇଲେ: ସିପିଆଇର ନିନ୍ଦା

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଓଡ଼ିଶା ବିଧାନସଭା ୩୬ ଦିନ ପାଇଁ ବସିବାର ଥିଲେ ହେଁ, ଓଡ଼ିଶାର କୃଷକଙ୍କ ପାଇଁ ଧାନ ମଣ୍ଡିରେ ଧାନ ସଂଗ୍ରହ, ଅଧିକାଂଶ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ସର୍ବନିମ୍ନ ମଜୁରୀରୁ ବଞ୍ଚିତ ଥିବା ବେଳେ ସେମାନଙ୍କ ବିଷୟରେ ପଦେ ହେଲେ ଚର୍ଚ୍ଚା ନକରି ମନ୍ତ୍ରୀ ଓ ବିଧାୟକଙ୍କ ଭତ୍ତା ତିନିଗୁଣ ବୃଦ୍ଧିର ସ୍ୱ ସମ୍ମତ ନିଷ୍ପତ୍ତି ନେଇ ବିଧାନସଭା ବନ୍ଦ କରି ପଳାଇ ଓଡ଼ିଶାର ଜନଗଣଙ୍କୁ ବିସ୍ମିତ କରିଛି। ଡବଲ ଇଞ୍ଜିନ୍ ଜେପି ସରକାରରେ ଅଛି। ନିଜକୁ ଜନସେବକ ବୋଲି ଦାବି କରୁଥିବା ବିଧାୟକମାନେ ନିଜ ଭତ୍ତା ତିନିଗୁଣା ବଢାଇବାର ନିଷ୍ପତ୍ତି କରି ଓଡ଼ିଶା ବିଧାନସଭା ଅଧିବେଶନକୁ ଅଧାରୁ ସ୍ଥଗିତ ରଖି ନିଜ ବକେୟା ଭତ୍ତା ଟଙ୍କା ଧରି ପଳେଇଲେ । ଗାନ୍ଧୀ ମାର୍ଗ ରାଜରାସ୍ତାରେ ମାର୍ଗଶୀର ଶିତ ରାତିରେ ଜାଡ ଭିତରେ ନିଜ ନିଜର ହକ୍, ଅଧିକାର ଏଂ ଉଚିତ ପ୍ରାପ୍ୟ ଦ୍ୱିରେ ବସିଛନ୍ତି ହଜାର ହଜାର ପାଚିକା, ଆଶା, ଅଙ୍ଗନୱାଡ଼ି, ଗଣ ଶିକ୍ଷକ, ଶିକ୍ଷକ - କର୍ମଚାରୀମାନେ। ଧାନ ମଣ୍ଡିରେ ଶିତ କାକରରେ ବସିଛନ୍ତି କୃଷକ ତାଙ୍କ ଧାନ ସରକାରଙ୍କୁ ବିକିବା ଅପେକ୍ଷାରେ, ସରକାର ମଣ୍ଡିରେ ଧାନ କିଣିବା ଆରମ୍ଭ କରୁନାହାନ୍ତି। ଲୋକଙ୍କ ସରକାର ବୋଲି ଦାବି କରୁଥିବା ଶାସକ ଗୋଷ୍ଠୀ ରାଜକୋଷରୁ ଟଙ୍କା ନେଇ ପଳାଇଲେ । କି ଥିଲା ଏ ରାଜ୍ୟ, କି ହୋଇଛି ଆଜି ? ଅତିତରେ ଦେଖା ଦେଇଛି: ଇନ୍ଦିରା ଗାନ୍ଧୀ ସାଂସଦ ଭତ୍ତା ବଢ଼େଇ ୧୯୭୫ରେ ହାରିଲେ ୧୯୭୭ରେ। ୧୯୯୪ରେ ସାଂସଦ ଭତ୍ତା ବୃଦ୍ଧି କଲେ ପି ଭି ନରସିଂହ ରାଓ ସରକାର, ୧୯୯୬ ନିର୍ବାଚନରେ ହାରିଲେ। ପୁଣି ୧୯୭୭-୭୮ରେ ଜନତା ସରକାର ଭତ୍ତା ବଢ଼େଇ ହାରିଲେ ୧୯୮୦ରେ। ଆମ ଆଦମୀ ସରକାର ଭତ୍ତା ବଢ଼େଇ କ୍ଷମତାରୁ ହଟିଲେ। ନିଜ ପାଇଁ ନିଜେ ଭତ୍ତା ବୃଦ୍ଧି କରି ରାଜକୋଷକୁ ଲୁଟି ନେବାରେ ନିଷ୍ପତ୍ତି ପ୍ରତ୍ୟାହାର କରି କୃଷକଙ୍କୁ କୃଷି ଉତ୍ପାଦନର ଲାଭଜନକ ଦର, ଶ୍ରମିକଙ୍କ ମାସିକ ସ୍ୱ ନିମ୍ନ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ କଲାପରେ ଯେଉଁ ଖାଉଟି ମୂଲ୍ୟସୂଚୀ ହାରରେ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ହେଉଛି, ସେହି ହାରରେ ଲୋକ ପ୍ରତିନିଧିମାନଙ୍କ ଭତ୍ତା ବୃଦ୍ଧି ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ଦୃଢ ଦାବି କରିଛି ଓ ଭତ୍ତା ତିନିଗୁଣ ବୃଦ୍ଧି ନିଷ୍ପତି ପ୍ରତ୍ୟାହାର କରିବାକୁ ଦାବୀ କରୁଛି ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଦୃଢ଼ ଦାବି କରିଛନ୍ତି।

# ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, ୧୧/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସ୍ଥିତ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ,ବଲାଙ୍ଗୀର ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି ର ବୈଠକ ଓ ସଚେତନତା କାର୍ଯକ୍ରମ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସଦର ବ୍ଲକ୍ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗୌଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ମାନଙ୍କରେ ସୁରକ୍ଷା ,ଯତ୍ନ ଉପରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ର ଦାୟିତ୍ୱ ଗୁରୁତ୍ୱ ପୂର୍ଣ୍ଣ ବୋଲି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ବ୍ଲକ୍ ସ୍ତରୀୟ କମିଟି ର ଦାୟିତ୍ୱ ,କର୍ତ୍ତବ୍ୟ,ଭୂମିକା ଉପରେ ଜଣାଇଥିଲେ ।କିଶୋର ନ୍ୟାୟ ଆଇନ୍ ୨୦୧୫ ଅନୁଯାଇ ମିଆସନ ବାତ୍ସଲ୍ୟ ଯୋଜନା ଅଧୀନରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ ଆଇନ୍ ର ବିରୁଦ୍ଧାଚରଣ କରିଥିବା ଶିଶୁ ଙ୍କ ପାଇଁ ଥିବା ବାଲ୍ୟ ବିବାହ ଆଇନ୍୨୦୦୬, ଗର୍ଭ ନିରୂପଣ ନିଷେଧ ଆଇନ୍ ୧୯୯୪,ଶିଶୁ ଓ କିଶୋର ଶ୍ରମିକ ନିସେଦ ଆଇନ୍ ୧୯୮୬ ,ଶିଶୁ ଙ୍କୁ ଯୌନ ନିର୍ଯାତନା ରୁ ରକ୍ଷା କରିବା ଆଇନ୍ ୨୦୧୨ ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ରେ ଅସୁରକ୍ଷିତ ଘେରରେ ଥିବା ଶିଶୁ ମାନଙ୍କ ପାଇଁ ମିଶନ ବାତ୍ସଲ୍ୟ ୨୦୨୨ ମାର୍ଗଦର୍ଶିକା ଅନୁଜାୟୀ ଥିମ୍ ୩ ଏବଂ ଥିମ୍ ୯ ଅଧିନରେ ଶିଶୁ ମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ଜଣାଇଥିଲେ ଏବଂ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୋଜନା ପ୍ରସ୍ତୁତି କରିବା, ପଞ୍ଚାୟତ ସ୍ତରୀୟ କମିଟି କୁ କ୍ରିୟାଶୀଳ କରି ବୈଠକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।ଏହି ଅବସରରେ ୨୪ ଗୋଟି ଗ୍ରାମ ପଞ୍ଚାୟତ ରୁ ପଞ୍ଚାୟତ ପ୍ରତିନିଧି,ପଞ୍ଚାୟତ କାର୍ଯ ନିର୍ବାହୀ ଅଧିକାରୀ, ଏଡିଇଓ ସମେତ ୫୦ ରୁ ଉର୍ଦ୍ଧ କର୍ମଚାରୀ ଉପସ୍ଥିତ ଥିଲେ ।ଏହି ଅବସରରେ ପଞ୍ଚାୟତ ସାଧନ କେନ୍ଦ୍ର ର ବବିତା ପ୍ରଧାନ, ରିସୋର୍ସ ପର୍ସନ ଗୀତାଞ୍ଜଳି ପ୍ରଧାନ,ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ର ଜିଲ୍ଲା ସଂଯୋଜକ ବିନୟ କୁମାର ସାହୁ ଉପସ୍ଥିତ ଥିଲେ ।ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୧୫ ଫୁଟ ତଳକୁ ଖସିଲା କାର

ଧର୍ମଶାଳା, ୧୧/୧୨ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଗୋଲେଇ ଛକ ନିକଟରେ ୧୫ଫୁଟ ତଳକୁ ଖସି ଗଲା କାର । ତେବେ ଗାଡି ଭିତରେ କିଏ ଥିଲା କି ନାହିଁ ତାହାକୁ ନେଇ ସନ୍ଦେହ ହୋଇଛି । ଆଜି ସକାଳ ସମୟରେ ଏକ ନାଲି ରଙ୍ଗର କାର ରାସ୍ତା ତଳକୁ ଖସି ପଡି ଥିବା ଦେଖିବାକୁ ମିଳିଥିଲା । ତେବେ ଗାଡି ଭିତରେ ଥିବା ଚାଳକ କୁଆଡେ ଗଲେ ତାହାକୁ ନେଇ ସନ୍ଦେହ ହୋଇଛି । ରିପୋର୍ଟ ଲେଖା ହେବା ଯାଏ ଗାଡି ଚାଳକ କିମ୍ବା ମାଲିକର ପରିଚୟ ମିଳି ପାରି ନାହିଁ । ଗାଡିଟି କେଉଁ କାରଣରୁ କେଉଁ ପରିସ୍ଥିରେ ରାସ୍ତା କଡକୁ ଖସିଲା ଏବଂ ଗାଡିଟି କିଏ ଏଠାକୁ ଆଣି ଥିଲା ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ଚଣ୍ଡିଖୋଲ ଫାଣ୍ଡି ପୁଲିସ ତଦନ୍ତ ଚଳାଇଛି ।

# ପର୍ଯ୍ୟଟନ ଋତୁ ପାଇଁ ଏସପିଙ୍କ ସାହି ଗଳିକନ୍ଦି ରାସ୍ତାର ସମୀକ୍ଷା

ପୁରୀ, ୧୧/୧୨ (ନି.ପ୍ର): ପୁରୀ ଏସପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁରୀ ସହରର ବିଭିନ୍ନ ସାହି, ଗଳିକନ୍ଦି, ଲେନ୍ ଏବଂ ବାଇ-ଲେନ୍ ଗୁଡ଼ିକୁ ସମୀକ୍ଷା କରିଛନ୍ତି । ଡିସେମ୍ବର ଓ ଜାନୁଆରୀ ମାସ ଭାରତର କୋଣ ଅନୁକୋଣରୁ ପର୍ଯ୍ୟଟକ ଓ ଭକ୍ତମାନଙ୍କ ଭିଡ଼ ବ୍ୟାପକ ଭାବେ ବୃଦ୍ଧି ପାଇବ । ସହରରେ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ଉଦେଶ୍ୟରେ ଗଳି ଓ ଲେନ୍ ଗୁଡିକର ମାଇକ୍ରୋ ଲେଭେଲ୍ ଇନ୍ସପେକ୍ସନ୍ କରାଯାଇଛି।

ସକାଳ୭ ଟାରୁ ଆରମ୍ଭ ହୋଇଥିବା ଏହି ସମୀକ୍ଷାରେ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ପୁରୀ ଏସପି ଗାଣ୍ଡୁଆଚଉରା ଛକ, ବାରବାଟୀ ଜାଗା, ମଣିକର୍ଣ୍ଣିକା ସାହି, ଧାନକୁଟି ସାହି, କଦମଗଡ ଛକ, ଭୋଗଜାଗା, ଜହ୍ନିମୁଣ୍ଡିଆ ଛକ, ଜେନେରୀ ଗଛ, ଲବଣିଖିଆ ଛକ, ମରଚିକୋଟ ଛକ ସହ ବିଭିନ୍ନ ସ୍ଥାନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମସ୍ତ ସ୍ଥାନ ମାଧ୍ୟମରେ ହଜାର–ହଜାର ଭକ୍ତ ଓ ପର୍ଯ୍ୟଟକ ପ୍ରତିଦିନ ଯାତାୟାତ କରନ୍ତି । ଏସପି ପୁରୀ ନିଜେ ଲେନ୍–ବାଇଲେନ୍ ଗୁଡ଼ିକର ଚଉଡ଼ା, ରାସ୍ତାର ଅବସ୍ଥା, ଅବରୋଧ, ଅସୁରକ୍ଷିତ ସ୍ଥାନ, ଅନାବଶ୍ୟକ ପାର୍କିଂ ବିଷୟରେ ନିଜେ ନିଜେ ନିରୀକ୍ଷଣ କରିଥିଲେ । ପୁରୀ ଏସପି ପ୍ରତୀକ ସିଂଙ୍କ କହିବାନୁଯାଇ ପୁରୀ ହେଉଛି ଜଗତର ଆସ୍ଥାର କେନ୍ଦ୍ର । ଆସନ୍ତା ପର୍ଯ୍ୟଟକ ଋତୁରେ ଲକ୍ଷଲକ୍ଷ ଭକ୍ତ ଓ ପର୍ଯ୍ୟଟକ ଆସିବେ । ସେମାନଙ୍କ ସୁମଧୁର ଅନୁଭବ, ସୁରକ୍ଷା ପୁରୀ ପୋଲିସର ପ୍ରଥମ ଦାୟିତ୍ୱ । ସାହି, ଲେନ୍ ଓ ବାଇଲେନ୍ ଭିତରକୁ ଯାଇ ନିଜେ ସମୀକ୍ଷା କରିବା ଏହି ଲକ୍ଷ ରଖି ପୋଲିସ କାର୍ଯ୍ୟ ଆରମ୍ଭ କରିଛି। ଜନସାଧାରଣ କୌଣସି ବ୍ୟକ୍ତି ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ପୋଲିସ୍‌କୁ ସୂଚନା ଦେବାକୁ କୁହାଯାଇଛି । ମହିଳାମାନେ ଯେକୌଣସି ସମସ୍ୟା ସାମ୍ନା କଲେ ଫୋନ ନମ୍ବର ୧୧୨ କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେଇପାରିବେ । ପର୍ଯ୍ୟଟକ ସୁରକ୍ଷା ଦୃଷ୍ଟିରେ ରଖି ପୁରୀ ପୋଲିସ ପର୍ଯ୍ୟାୟକ୍ରମେ ମାଇକ୍ରୋ ଲେଭେଲ ସମୀକ୍ଷା, ସୁରକ୍ଷା ବ୍ୟବସ୍ଥା, ରୁଟ୍ ପରିଚାଳନା, ପଦଚାରୀ ପେଟ୍ରୋଲିଂ ଜୋରଦାର ଚାଲୁଅଛି । ପୁରୀକୁ ଏକ ସୁନ୍ଦର, ସୁରକ୍ଷିତ ଓ ଆତ୍ମିୟ ପର୍ଯ୍ୟଟନ କେନ୍ଦ୍ର ଭାବେ ରଖିବା ଆମ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଏସପି କହିଛନ୍ତି।

# ୧୬ ନମ୍ବର ଜାତୀୟ ରାଜପଥ ଉପରେ ଓଲଟିଲା ଟ୍ରକ : ଖଲାସି ଗୁରୁତର

ଧର୍ମଶାଳା, ୧୧/୧୨ (ନି.ପ୍ର): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ମନ୍ଦିର ସେତୁ ନିକଟରେ ଉପରେ ଓଲଟିଲା ବେଲଚା ବୋଝେଇ ଟ୍ରକ୍ (ୟୁପି ୩୭ଏଟି ୯୦୮୮) । ଫଳରେ ଖଲାସି ଗୁରୁତର ଆହତ ହୋଇଥିବା ଜଣାପଡିଛି । ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ତେବେ ଖଲାସି ଗାଡି ଚଳାଉଥିବାରୁ ଏଭଳି ଅଘଟଣ ଘଟି ଥିବା କୁହା ଯାଉଛି । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣାଗସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

ନୂଆପଡା, ୧୧/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ୨ ନଂ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଡ଼ିଆଳ ବ୍ଲକ ଭେଟନେରୀ ଅଫିସର ଡ. ସଂଗ୍ରାମ କେଶରୀ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଏନଏସି ଚେୟାରମେନ ଉଜ୍ଜଳ ଗୁପ୍ତା, ଅତିରିକ୍ତ ନିର୍ଦ୍ଦେଶକ ପଶୁ ସମ୍ପଦ ବିଭାଗ ଡ. ଗିରିଧାରୀ ଭୋଇ, ଖଡ଼ିଆଳ ପଂଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି, କଳାହାଣ୍ଡି ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ମେଘ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ତ୍ରୟ ଚିତ୍ତରଞ୍ଜନ ବେହେରା, ତନୟା ଶବର ଓ ମାଲ୍ୟବନ୍ତ ସୁନା, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ ମଂଚାସିନ ରହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉପରେ ବିଭିନ୍ନ ପ୍ରକାର ଦିଗ ଦର୍ଶନ ଦେଇଥିଲେ। ବୈଠକରେ ସହ ମତ୍ସ୍ୟ ଅଧିକାରୀ ଖଡ଼ିଆଳ ଭବାନୀ ଶଙ୍କର ପଣ୍ଡା ମଂଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଷ୍ଟଲ, ଓମଫେଡ ଷ୍ଟଲ, ପ୍ରାଣୀ ସମ୍ପଦ ବିଭାଗର ଷ୍ଟଲ, ମତ୍ସ୍ୟ ବିଭାଗର ଷ୍ଟଲ, କୃଷି ବିଭାଗର ଷ୍ଟଲ, ଉଦ୍ୟାନ ବିଭାଗର ଷ୍ଟଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶର ଶ୍ରୀଅର୍ନ ଷ୍ଟଲ ରହିଥିଲା । ପରେ କୁକୁଡ଼ା ଚାଷୀ, ଗାଇ ଚାଷୀ, ଛେଳି ଚାଷୀ, ମେଣ୍ଢା ଚାଷୀ, ମତ୍ସ୍ୟ ଚାଷୀ ମାନଙ୍କୁ ଚାଷ କରିବା ପାଇଁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। ଏ ଅବସରରେ ମୃତ୍ୟୁ ବରଣ କରିଥିବା ଦୁଇ ଗାଇ ଚାଷୀ ତୁକୁଲା ପରମେଶ୍ୱର ଶବର ୫୨ ହଜାର ଟଙ୍କା ଓ ତୁକୁଲା ଅନନ୍ତ ପଟ୍ଟନାୟକ ୬୫ ହଜାର ଟଙ୍କାର ବୀମା ରାଶିର ଚେକ ପ୍ରଦାନ କରାଯାଇଥିଲା। ଆଉ ଜଣେ ଚାଷୀ ଡୁମେରବାହାଲ ଗ୍ରାମର ସଙ୍କୁନ୍ତଳା ଘିଭେଲାଙ୍କୁ ସବସିଡି ବାବଦକୁ ୧ ଲକ୍ଷ ୬୧ ହଜାର ୨୮୦ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

# ୫ ଇ ଶିକ୍ଷାଦାନ ପଦ୍ଧତି ପୁସ୍ତକ ଲୋକାର୍ପିତ

ଜୟପୁର, ୧୧/୧୨ (ନି.ପ୍ର):ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ମାନବୀୟ ଅଧ୍ୟୟନ ମହଲାର ତୃତୀୟ ସଭାଗୃହରେ ଅନୁଷ୍ଠିତ ଏକ ଶୈକ୍ଷିକ ପରିବେଶରେ ୫ ଇ ଶିକ୍ଷାଦାନ ପଦ୍ଧତି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ ମନୋରଞ୍ଜନ ପ୍ରଧାନ ଓ ସହକାରୀ ପ୍ରଫେସର ଶ୍ରୀ ଲୋକେଶ ପ୍ରଧାନଙ୍କ ମିଳିତ ଉଦ୍ୟମରେ ଲିଖିତ ୨୮୦ ପୃଷ୍ଠା ବିଶିଷ୍ଟ ଉପାଦେୟ ଗବେଷଣା ପୁସ୍ତକଟି ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡ ପ୍ରଶାନ୍ତ କୁମାର ପାତ୍ରଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିଲା। କୁଳସଚିବ, ସ୍ନାତକୋର ପରିଷଦର ଅଧ୍ୟକ୍ଷଙ୍କ ସହ ସହକାରୀ ପ୍ରଫେସର ଡ ନରେନ୍ଦ୍ର କୁମାର ମହାରଣା ଓ ଦୁଇ ଲେଖକ ମଂଚାସୀନ ଥିଲେ। ସହ ଲେଖକ ଲୋକେଶ ପ୍ରଧାନ ପୁସ୍ତକ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଧାନ କରିଥିବା ବେଳେ ଡ଼ ପ୍ରଧାନ ପୁସ୍ତକ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରି ପୁସ୍ତକଟି କିଭଳି ଗୁଣାତ୍ମକ ଶିକ୍ଷାଦାନ ପାଇଁ ଉପଯୋଗୀ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି କୁଳସଚିବ ଶ୍ରୀ ନାୟକ ଉଭୟ ଲେଖକଙ୍କୁ ଶୁଭେଚ୍ଛା ଜଣେଇବା ସହ ବିଶ୍ୱବିଦ୍ୟାଳୟ ପାଇଁ ଏକ ଖୁସିର ଦିନ ଏବଂ ପୁସ୍ତକ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ସାରା ଦେଶ ଜାଣିବ ବୋଲି ମତବ୍ୟକ୍ତ କରିଥିଲେ। ଡ଼ ପାତ୍ର ସମ୍ମାନିତ ଅତିଥି ଭାବେ କହିଥିଲେ ପୁସ୍ତକ ରଚନା ସହଜ କାମ ନୁହେଁ କିନ୍ତୁ ବହୁମୂଲ୍ୟ ସମୟ ଓ ଶ୍ରମ ଦେଇ ପାଠକଙ୍କ ପାଖରେ ବହିଟିଏ ପରସି ଦେବା ଏବଂ ଲୋକାର୍ପଣ ଉତ୍ସବରେ ନିଜେ ଉପସ୍ଥିତ ରହିବା ନିଜ ପାଇଁ ଅତି ଗୌରବର ମୁହୂର୍ତ ବୋଲି କହିବା ସହ ଆଗାମୀ ସଂସ୍କରଣରେ ପୁସ୍ତକଟିକୁ ରଙ୍ଗୀନ ମୁଦ୍ରଣ ପାଇଁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯୋଗ୍ୟକି ଶିକ୍ଷା ସ୍ନାତକ, ଶିକ୍ଷା ସ୍ନାତକୋତର, ଶିକ୍ଷା ସମ୍ମାନ , ଶିକ୍ଷା ସ୍ନାତକୋତର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଏହି ପୁସ୍ତକଟିରେ ଦଶଟି ବିଭାଗ ରହିଛି। ୫ ଇ ଶିକ୍ଷାଦାନ ପଦ୍ଧତିର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଆଲୋଚନା ସହ ଉଭୟ ଭୌତିକ ବିଜ୍ଞାନ ଓ ରସାୟନ ବିଜ୍ଞାନ, ଇଂରାଜୀ ଓ ଓଡ଼ିଆ ଭାଷା ସହ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଶିକ୍ଷାଦାନର ପ୍ରାସଙ୍ଗିକତା, ଶିକ୍ଷା ଦାନ ପଦ୍ଧତି ଏବଂ ଗୋଟିଏ ଦୁଇଟି ଲେଖାଏଁ ନମୁନା ପାଠ୍ୟ ଯୋଜନା ପୁସ୍ତକରେ ସ୍ଥାନ ପାଇଛି। ବିଭାଗର ଗୁରୁ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଶ୍ରେଣୀ ପ୍ରକୋଷ୍ଠ ରେ କରାଯାଇଥିବା ୫ ଇ ଶିକ୍ଷାଦାନ ସମ୍ବନ୍ଧୀୟ ୬୦ରୁ ଉର୍ଦ୍ଧ୍ୱ ଅଭିନବ ଶିକ୍ଷଣ କାର୍ଯ୍ୟ ପୁସ୍ତକରେ ସ୍ଥାନ ପାଇଛି। ପାଠ୍ୟାର୍ପଣ ଉତ୍ସବରେ ସହକାରୀ ପ୍ରାଧ୍ୟାପିକା କସ୍ତୁରୀ ଆଚାର୍ଯ୍ୟ, ଅନୀତା ପଟ୍ଟନାୟକ, ଅନୁପମା ମିଶ୍ର, ପରିଚିତା ମହାପାତ୍ର, ସୁଜାତା ବେଜ ସହ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ବନ୍ଦନା ମହାରଣା, ଶୁଭଶ୍ରୀ ପଟ୍ଟନାୟକ, ଅଧ୍ୟାପକ ସତ୍ୟନାରାୟଣଙ୍କ ସହ ବିଭାଗର ଗୁରୁ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ପୁସ୍ତକଟି ଅନ୍‌ଲାଇନରେ ଉପଲବ୍ଧ ସହ କିତାବ ମହଲ, ଏ କେ ମିଶ୍ର ଏଜେନ୍ସି ଭଳି ଅଗ୍ରଣୀ ପୁସ୍ତକ ଭଣ୍ଡାରରେ ମିଳିପାରିବ ବୋଲି ଲେଖକ ଦ୍ୱୟ ମତବ୍ୟକ୍ତ କରିଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଆଥଲେଟିକ୍ ମିଟ୍ ସମାପିତ




ବାଲେଶ୍ୱର, ୧୧/୧୨ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଦ୍ୱାରା ଆୟୋଜିତ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଏଥ୍ଲେଟିକ୍ସ ମିଟ୍ (ପୁରୁଷ ଓ ମହିଳା), ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦ ଡିସେମ୍ବରରେ ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ ସହ ସମାପ୍ତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ମହାବିଦ୍ୟାଳୟ ସ୍ତରୀୟ କ୍ରୀଡା ସମ୍ମିଳନୀ କାର୍ଯ୍ୟକ୍ରମରେ ୩୦ଟି ଦଳ ଯୋଗଦେଇଥିଲେ।ଦୁଇଦିନ ଧରି ପୁରୁଷ ଓ ମହିଳା ଶ୍ରେଣୀର ୨୩ଟି ଆଥଲେଟିକ ଖେଳର ସୁସଂଗଠିତ ପରିଚାଳନା, ଏମ୍ପାୟାରିଂ ଓ ଜୁରି ସଦସ୍ୟଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଫଳାଫଳ- ଚାମ୍ପିଆନ୍ ଭାବେ ବି.ଏନ୍.ଏମ୍.ଏ କଲେଜ, ପାଲିଆବିନ୍ଧା, ଭଦ୍ରକ ପୁରୁଷ ବିଭାଗ ବ୍ୟକ୍ତିଗତ ଚାମ୍ପିଆନ୍ ଭାବେ : ହରିଶଙ୍କର ପାଣିଗ୍ରାହୀ, ବି.ଏନ୍.ଏମ୍.ଏ କଲେଜ ଓ ମହିଳାବିଭାଗ ବ୍ୟକ୍ତିଗତ ଚାମ୍ପିଆନ ଭାବେ : ଦୀପା ମହାଲିକ, ଚାନ୍ଦବାଲି କଲେଜଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ୮ ଡିସେମ୍ବରରେ ଆଥଲେଟମାନଙ୍କ ସମ୍ମିଳନୀ ସହିତ ଶୃଙ୍ଖଳିତ ଭାବେ ମାର୍ଚ୍ ପାଷ୍ଟ ଦ୍ୱାରା କ୍ରୀଡାର ଶୁଭାରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କ୍ରୀଡାଧ୍ୱଜ ଉତ୍ତୋଳନ କରି ମିଟ୍‌ର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ପ୍ରତୀକାତ୍ମକ 'ଟର୍ଚ୍ ବେରିଂ ସେରିମୋନୀ' ଓ ସଂଗ୍ରାମ କେଶରୀ ବିଶୋଇଙ୍କ ଦ୍ୱାରା ସାମୂହିକ ଶପଥ ପାଠ କରାଯାଇଥିଲା।ଉଦଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଏବଂ କ୍ରୀଡା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ସଫଳ ପରିସମାପ୍ତି ଘୋଷିତ ହୋଇଥିଲା। ସହକାରୀ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଉଦ୍‌ଘାଟନୀ ଓ ସମାପନୀ ଉତ୍ସବର ସଂଚାଳନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦିବ୍ୟାଙ୍ଗଙ୍କ ପାଇଁ ...

ପ୍ରଶାସନର ଏ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହାକୁ ସୁସଂଗଠିତ କରିବା ପାଇଁ ଏକ ସବ୍‌କମିଟି ଗଠନ କରିବାକୁ ପ୍ରସ୍ତାବ ରଖିଛନ୍ତି ସେବାୟତ । ସେହିପରି ସମସ୍ତ ନୀତିକାନ୍ତିକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରିବାକୁ ବରିଷ୍ଠ ସେବାୟତ ଦାବି କରିଛନ୍ତି । ଦିବ୍ୟାଙ୍ଗଙ୍କ ସୁବିଧା ଦର୍ଶନ ଲାଗି ବହୁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ କଣ ପାଇଁ ଏହାକୁ ଏଯାଏଁ କାର୍ଯ୍ୟକାରୀ କରାଯାଇନି ସେ ନେଇ ଉଠିଛି ପ୍ରଶ୍ନ ।

### ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ...

ଯୁବଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱ ଦେଇ ସେମାନଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେଉଛି। ଆମ ସରକାର ଆସିବାର ୧୮ ମାସ ଭିତରେ ଆଜିକୁ ମିଶାଇ ୧୩ଟି ନିଯୁକ୍ତିମେଳା ଜରିଆରେ ଆମେ ୩୭,୯୧୭ ସରକାରୀ ନିଯୁକ୍ତି ପ୍ରଦାନ କରିଛୁ। ଆମ ସରକାର ନିଯୁକ୍ତି ପ୍ରଦାନ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପୂରଣ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି।

### ମାଲକାନଗିରିରେ...

ଗୁରୁବାର ଶେଷ ହେବାକୁ ଥିବା ଏହି କଟକଣାକୁ ସମ୍ବେଦନଶୀଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଆଉ ୧୨ ଘଣ୍ଟା ବୃଦ୍ଧି କରାଯାଇଛି। ଡିସେମ୍ବର ୪ ତାରିଖରେ ଏକ ମୁଣ୍ଡବିହୀନ ମୃତଦେହ ଉଦ୍ଧାରକୁ ନେଇ ଦୁଇଟି ଗାଁ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିବା ପରେ ଏହି କଟକଣା ଲାଗୁ କରାଯାଇଥିଲା।

### ମୋକିମଙ୍କ ବିସ୍ଫୋରଣ ...

ଦଳର ମୁଖିଆଙ୍କୁ ବିରୋଧ ହେଉଛି। ଅଥଚ ଭକ୍ତଙ୍କୁ ସୁରକ୍ଷା ଦେବାକୁ ମୁହଁ ଖୋଲୁନାହାନ୍ତି ଦଳୀୟ ନେତା । ମୋକିମଙ୍କ ଚିଠି ଲେଖା ତରିକାକୁ ନାପସନ୍ଦ କରୁଛନ୍ତି । ହେଲେ ଚିଠିରେ ଭକ୍ତଙ୍କ ନେତୃତ୍ୱକୁ ନେଇ ଉଠିଥିବା ପ୍ରଶ୍ନକୁ କାଉଣ୍ଟର କରିବାକୁ ନାକ ଟେକୁଛନ୍ତି । ଏହି ମଉକାରେ ଦଳର କିଛି ନେତା ଏ ଘର ମାଉସୀ ସେ ଘର ପିଉସୀ ସାଜି ରାଜନୈତିକ ଫାଇଦା ନେବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି । ମୋକିମଙ୍କ ଖୁଲମଖୁଲ୍ଲା ଅସନ୍ତୋଷ ଭିତରେ ନୂଆ ଆଞ୍ଚଳିକ ଦଳକୁ ନେଇ ବଢ଼ିଛି ଚର୍ଚ୍ଚା ।

### ପାକିସ୍ତାନର ପୂର୍ବ ଆଇଏସଆଇ ...

ସେନାର ମୁଖ୍ୟ ପଦ ମିଳିବାକୁ ଥିଲା । ହେଲେ ଇମ୍ରାନ୍ ସରକାରର ପତନ ପରେ ଜେନେରାଲ୍ ମୁନିର ନୂଆ ସେନା ମୁଖ୍ୟ ହୋଇଥିଲେ । ଆଉ ପରେ ପରେ ଫୈଜ ହମିଦଙ୍କୁ ମଧ ଓଝଓ ମୁଖ୍ୟ ପଦରୁ ଇସ୍ତଫା ଦେବାକୁ ବାଧ କରାଯାଇଥିଲା। ଜାଣିରଖିବା ଉଚିତ ଯେ, ପୂର୍ବତନ ଓଝଓ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଫୈଜ ହମିଦଙ୍କ ବିରୋଧରେ କୋର୍ଟ ମାର୍ଶଲ ପ୍ରକ୍ରିୟା ଅଗଷ୍ଟ ୧୨, ୨୦୨୪ ମସିହାରୁ ଆରମ୍ଭ ହୋଇଥିଲା ।

# ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ଅଷ୍ଟମ ସନ୍ଧ୍ୟା

## ପଲ୍ଲୀ ସାହିତ୍ୟ ଜୀବନର କଥା କହେ - ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ

## କବି ବିଷ୍ଣୁ ସେଠୀ ଥିଲେ ସାହିତ୍ୟ ସାଧନାର ବିନ୍ଧାଣୀ



ଭଦ୍ରକ, ୧୧/୧୨ (ନି.ପ୍ର): ପଲ୍ଲୀ ସାହିତ୍ୟର ବିକାଶ ହେଲେ ଗ୍ରାମାଂଚଳର ବିକାଶ ହେବ। ଗ୍ରାମାଂଚଳର ବିକାଶ ହେଲେ ଜିଲ୍ଲାର ବିକାଶ ହେବ। ପଲ୍ଲୀ ସାହିତ୍ୟର ଜୀବନ ହେଉଛି ବାସ୍ତବ ଜୀବନ। ଭଦ୍ରକର ବିକାଶ ଦିଗରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ପଲ୍ଲୀ ସାହିତ୍ୟକୁ ଆପଣେଇବା ଉଚିତ୍। ଯାହାକୁ ପ୍ରାଧାନ୍ୟ ଦେଇଥଲେ ସ୍ୱର୍ଗତ ବିଷ୍ଣୁ ସେଠୀ।ବିଷ୍ଣୁ ସେଠୀଙ୍କ ଚିନ୍ତା ଚେତନା ସଦା ବାରି ହୋଇ ପଡ଼େ। ପୂର୍ବତନ କୃଷି ଅଧିକାରୀ ପ୍ରଖ୍ୟାତ କୃଷିକବି ଇଂ ଅରୁଣ କୁମାର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆମ ସମାଜକୁ ପଲ୍ଲୀ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ପଲ୍ଲୀ କବିଙ୍କ ଉଦାହରଣ ଦେଇ ଭବାତ୍ମକ ବକ୍ତବ୍ୟ ରଖିଥିଲେ। ଏହି ସାଂସ୍କୃତିକ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ କଳ୍ପନା ଜେନା , ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନିତ୍ୟାନନ୍ଦ ମିଶ୍ର, ମାଆ ଜଗଦ୍ଧାତ୍ରୀ ବିଶ୍ୱ ସଂସ୍କୃତି ସୁରକ୍ଷା ସଂସ୍ଥାନର ପ୍ରତିଷ୍ଠାତା ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମା ପ୍ରମୁଖ ଯୋଗଦେଇ ବର୍ତମାନ ସମୟରେ ପଲ୍ଲୀ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହିତ ଭଦ୍ରକ ଜିଲ୍ଲା ମହୋତ୍ସବର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ' କବି ବିଷ୍ଣୁ ସେଠୀ ମଂଚ'ର ' ପଲ୍ଲୀ ସାହିତ୍ୟରେ ଜୀବନ 'ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବେଦ ପାଠ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା ମୟୂର ଏକାଡେମୀର କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ କୁନି କୁନି କଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ମାତୃ ବନ୍ଦନା ଗାନ କରିଥିଲେ ଏବଂ ଶେଷରେ ପ୍ରଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।ଆଜିର ସନ୍ଧ୍ୟାରେ ମୟୂର ଏକାଡେମୀର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ମନଭରି ଉପଭୋଗ କରିଥିଲେ। କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ୱିତା ଦାସ, ଶଶିକଳା ମିଶ୍ର , ଦୀପାଲୀ ନାୟକ, ସୁମିତ୍ରା ପାଣି , ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ , ମଂଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣା ପଡ଼ିଛି।

# ଟାଟାପାୱାର ପକ୍ଷରୁ ବେତନଟୀରେ ହେବ ଲୋକଅଦାଲତ

ବେତନଟୀ, ୧୦/୧୨(ନି.ପ୍ର) : ବିଦ୍ୟୁତ ବିତରଣ ସଂସ୍ଥା ଟାଟାପାୱାର ପକ୍ଷରୁ ଆସନ୍ତା ୧୩ତାରିଖ ଶନିବାର ବେତନଟୀ ଉପଖଣ୍ଡ କାର୍ଯ୍ୟାଳୟରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଯାଉଛି ଲୋକ ଅଦାଲତ । ଟାଟାପାୱାର ପକ୍ଷରୁ ବେତନଟୀ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟରେ ହେବାକୁ ଯାଉଥିବା ଲୋକ ଅଦାଲତରେ କେବଳ ବେତନଟୀ, ବୈଶିଙ୍ଗା ଏବଂ କୋଚିଲାଖୁଣ୍ଟା ସେକ୍ସନ କାର୍ଯ୍ୟାଳୟ ଅଧୀନସ୍ଥ ଉପଭୋକ୍ତା ମାନଙ୍କର କୌଣସି ଜୋରିମାନା ଥିଲେ ସମ୍ପୃକ୍ତ ଉପୋଭୋକ୍ତା ମାନେ ଉକ୍ତଦିନ ଲୋକ ଅଦାଲତରେ ଉପସ୍ଥିତ ହୋଇ ଆଲୋଚନା ପୂର୍ବକ ନିଜର ଜୋରିମାନା ଦେୟକୁ ଧାର୍ଯ୍ୟ କରି ଏକକାଳୀନ ପୈଠ କରିପାରିବେ । ବେତନଟୀ, ବୈଶିଙ୍ଗା ଏବଂ କୋଚିଲାଖୁଣ୍ଟା ସେକ୍ସନ ଅଧିନସ୍ଥ ଯେଉଁ ଉପୋଭୋକ୍ତା ମାନଙ୍କର ଜୋରିମାନା ହୋଇଛି ସେମାନେ ଏହି ଲୋକଅଦାଲତ ସୁଯୋଗର ଲାଭ ଉଠାଇବାକୁ ବେତନଟୀ ଟାଟା ପାୱାର କାର୍ଯ୍ୟାଳୟ ପକ୍ଷରୁ ନିବେଦନ କରାଯାଇଛି ।

# କାବ୍ୟଲୋକର ଅନୁଚିନ୍ତା : ଲେଖକର ପ୍ରତିବଦ୍ଧତା




ଭୁବନେଶ୍ୱର, ୧୧/୧୨ (ନି.ପ୍ର): ୭ମ ଅକ୍ଷର ପୁସ୍ତକ ମହୋତ୍ସବ-୨୦୨୫ ମୁଖ୍ୟମଞ୍ଚରେ ରାଜ୍ୟର ଅଗ୍ରଣୀ ପୁସ୍ତକ ପ୍ରକାଶନ ସଂସ୍ଥା କାବ୍ୟଲୋକ ତରଫରୁ ଆୟୋଜିତ ସଭାରେ ୧୧ଟି ନୂତନ ପୁସ୍ତକ ଯଥା- ଦେଶବନ୍ଧୁ ସ୍ୱାଇଁ ଓ ଦେବଶ୍ରୀ ଧଳଙ୍କ ସମ୍ପାଦନାରେ ସୃଜନ ଗଳ୍ପ ସମ୍ଭାର, କବି ଭିକାରୀ ଧଳଙ୍କ ସଂପାଦନାରେ କବି ଭରତ ବେହେରାଙ୍କ କବିତା ସଗଗ୍ର, ଡକ୍ଟର ହେନେରିଟା ମିଶ୍ରଙ୍କ ମୂକଂ କରୋତି ବାଚାଳଂ, ଡକ୍ଟର ପ୍ରିୟଲତା ଜେନାଙ୍କ ମାଧବୀଲତା, ସଂଯୁକ୍ତ ମହାନ୍ତିଙ୍କ ଗଙ୍ଗଶିଉଳି, ବର୍ଷା। ଭିଜା ସକାଳ, ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସମୀକ୍ଷାୟନ, ସ୍ୱପ୍ନେଶ୍ୱର ଗୋଛିଙ୍କ ଶ୍ରୀଜଗନ୍ନାଥ ମହାତ୍ମ୍ୟ, ନିବେଦିତା ମହାନ୍ତି ଓ ସୁମନ ବରିହାଙ୍କ ପ୍ରବନ୍ଧ ପଞ୍ଚବିଂଶ, ଆଦିକଥାନୀ, ଡକ୍ଟର ରଶ୍ମିତା ତ୍ରିପାଠୀ ଓ ଗୁପ୍ତେଶ୍ୱର ମାଝିଙ୍କ ଓଡ଼ିଆ ଗଳ୍ପରେ ଆଦିବାସୀ ସଂସ୍କୃତି, ଡକ୍ଟର ରଶ୍ମିତା ତ୍ରିପାଠୀ ଓ ହୃଷୀକେଶ କହଁରଙ୍କ ବୌଦ୍ଧ ଜିଲ୍ଲାର କନ୍ଧ ଜନଜାତି ଅତିଥିମାନଙ୍କ ହାତରେ ଲୋକାର୍ପିତ ହୋଇଯାଇଛି। ଉକ୍ତ ମଞ୍ଚରେ ପ୍ରଖ୍ୟାତ ମୈଥିଳୀ ଲେଖିକା ଦୀପା ମିଶ୍ର, ସଂଯୁକ୍ତା ମହାନ୍ତି, ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡକ୍ଟର ରଶ୍ମିତା ତ୍ରିପାଠୀ, ଡକ୍ଟର ଲୁସି ପ୍ରିୟଦର୍ଶିନୀ ନାୟକ, କବି ବେବୀଲତା ଶତପଥୀ ଓ ପୁସ୍ତକ କର୍ମୀଙ୍କୁ 'ସୃଜନ ସ୍ୱପ୍ନ ମହାସମ୍ମାନ' ଅର୍ପଣ କରାଯାଇଥିଲା। ସୃଜନ ସ୍ୱପ୍ନର ମୁଖ୍ୟ ସଂପାଦକ ତଥା ବିଶିଷ୍ଟ କଥାକାର ଦେଶବନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସକ ଡକ୍ଟର ନିରଞ୍ଜନ ସାହୁ ବିଶିଷ୍ଟ ଅତିଥି, ଶ୍ରୀମତୀ ଦୀପା ମିଶ୍ର ମୁଖ୍ୟ ଅତିଥି, ଡକ୍ଟର ସଂଘମିତ୍ରା ମିଶ୍ର ସମ୍ମାନିତ ଅତିଥି ଓ ଡକ୍ଟର ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଡକ୍ଟର ହେନେରିଟା ମିଶ୍ର ସମ୍ମାନିତ ବକ୍ତା ଭାବେ ଲେଖକର ପ୍ରତିବଦ୍ଧତାର ସଂପର୍କରେ ନିଜର ମତ ପ୍ରଦାନ କରିଥିଲେ। ଅପରାହ୍ଣ ୩ଘଟିକା ସମୟରେ ଏକ ମନୋଜ୍ଞ କବିତା ପାଠୋତ୍ସବରେ ସଭାପତିତ୍ୱ କରିଥିଲେ କବି ଡକ୍ଟର ଭରତ ବେହେରା, ସମ୍ମାନିତ ଅତିଥି ଥିଲେ କବି ବିଭୂତି ଭୂଷଣ ପାଣିଗ୍ରାହୀ ଓ ସୁସାହିତ୍ୟିକା ବାସନ୍ତୀ ଦାସ, ସଂଯୋଜିକା ଥିଲେ ଅଧ୍ୟାପିକା ସୌଦାମିନୀ ବେହେରା ଓ କବୀ ଚମକ ଚାନ୍ଦିନୀ ଦାସ। ସଂପାଦକ ଓ ପ୍ରକାଶକ କବି ଭିକାରୀ ଧଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମଗ୍ର ସଭାକୁ ପରିଚାଳନା କରିଥିଲେ ଗୀତିକବି ବିପିନ୍ ମହାନ୍ତି ଓ ହିନ୍ଦୀ ଗବେଷକ ବିଶାଳ ସାହୁ।

# ଆରୁହା ପଞ୍ଚାୟତରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ପଞ୍ଜିକରଣ ଏବଂ କାର୍ଡ ବଣ୍ଟନ ଶିବିର




ଜଳେଶ୍ୱର, ୧୧/୧୨ (ନି.ପ୍ର): ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋଡ ଏବଂ ଓଡିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋଡ ଆନୁକୁଲ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଯୋଗ୍ୟ ହିତାଧିକାରୀ ମାନଙ୍କୁ ପଞ୍ଜିକରଣ ଏବଂ କାଡ ବଣ୍ଟନ ଶିବିର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ତପନୀ ଭୂୟାଁଙ୍କ ସଭାପତିତ୍ୱରେ ଆରୁହା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଯୋଜନାର ଗୁରୁତ୍ୱ ତଥା ଶ୍ରମିକ ମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଦୃଷ୍ଟି ଆକର୍ଷଣ କରିଥିଲେ।ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ,ସହ ଶ୍ରମ ଅଧିକାରୀଣୀ ତଥା ଜଳେଶ୍ୱର ଦାୟିତ୍ୱରେ ଥିବା ଶ୍ରମ ଅଧିକାରୀଣୀ ଶିବାଙ୍ଗୀ ହେମ୍ବ୍ରମ,ଡାଟା ଅପରେଟର କୃଷ୍ଣଚନ୍ଦ୍ର ସ୍ୱାଇଁ, ସଦସ୍ୟା ପ୍ରତିନିଧି ଶ୍ରୀକଣ୍ଠ ମାହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏ ଏଲ ଓ ରଶ୍ମିରଞ୍ଜନ ସ୍ୱାଇ ଓ ଶ୍ରିହରି ସ୍ୱଂୟ ସାମଲ,ନାଏବ ସରପଞ୍ଚ ବରୁଣ କୁମାର ଜେନା ଏଡିଇଓ ବିନୋଦ କୁମାର ବେହେରା ଶ୍ରମିକ ନେତା ପଲ୍ଟୁ ଦାସ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୫୧ ଜଣଙ୍କୁ ଶ୍ରମିକ ପରିଚୟ ପତ୍ର ଓ ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇ ଥିଲା। ଉପସ୍ଥିତ ଶ୍ରମିକମାନେ ଖୁସୀ ବ୍ୟକ୍ତ କରିବା ସହ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ସରପଞ୍ଚ ତପନୀ ଭୂୟାଁଙ୍କୁ କୃତଜ୍ଞତା ଜଣାଇଥିଲେ। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ଟି - ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନ : ଭୁବନେଶ୍ୱର ଓ ରାଉରକେଲା ବିଜୟୀ




ବାରିପଦା , ୧୧/୧୨ (ନି.ପ୍ର): ସ୍ଥାନୀୟ ପ୍ରଫୁଲ୍ଲନଗର ସ୍ଥିତ ଲେଟ କଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି - ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ୧ମ ମ୍ୟାଚରେ ଟି ସି ସି, ଭୁବନେଶ୍ୱର ୫ ଉଇକେଟରେ ବାରିପଦାର ଡି ଆର କେ ଟିମକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଡି ଆର କେ ୨୦ ଓଭରରେ ୮ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୪୪, ଅଭିଜ୍ଞାନ ମହାନ୍ତି ୨୮, ଜୟ କୁମାର ୨୨ ଓ ଉପେନ୍ଦ୍ର ନାୟକ ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା ୩ଟି ଓ ରାମଚନ୍ଦ୍ର ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଭୁବନେଶ୍ୱର ୧୭. ୪ ଓଭରରେ ୫ ଉଇକେଟ ହରାଇ ୧୫୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୬୦, ବିନୟ ପାଇକରାୟ ୩୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାନସ ଧଳ ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ରାମଚନ୍ଦ୍ର ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ସମାଜସେବୀ ରାକେଶ ସିଂହ ଓ କ୍ରୀଡା ସଂଗଠକ ତଥା ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ ଏହି ମ୍ୟାଚକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ ଓ ୨ୟ ମ୍ୟାଚରେ ରାଉରକେଲା ୪ ଉଇକେଟରେ ଆନ୍ଧ୍ରପ୍ରଦେଶ କୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟାର୍ସ ୧୯ ଓଭରରେ ୭ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ସୁନକରା ନିଖିଲ ୪୭, ସୁରେନ୍ଦ୍ର ୩୪, ବେଣ୍ଡାଲାମ ସତଭିକ ୩୧ ଓ ଜି. ଲିକିଥ ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଗୌତମ ସୁନା ୪ଟି ଓ ସ୍ୱପ ଏସ ଭୂୟାଁ ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ରାଉରକେଲା ୧୭. ୩ ଓଭରରେ ୬ ଉଇକେଟ ହରାଇ ୧୯୧ ରନ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ବିଭାସ ସାଓ ୫୧, ଏମ. ପାଣ୍ଡେ ୪୭ ଓ ଅମନ ଯାଦବ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଗିରି ପ୍ରସାଦ ୩ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଗୌତମ ସୁନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅତିଥି ଭାବେ ଯୋଗଦେଇ ସମାଜସେବୀକା ଦୀପା ରାଉତରାୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ସମରପ୍ରୀତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ସୁରେଶ ସାଣ୍ଡିଲ, ବୁବୁ ସିନ୍‌ହା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ ଓ ଶୁକ୍ରବାର ଦିନ ୧ମ ମ୍ୟାଚ କୋଲକାତାର ଏଲ ଆର ଏସ ଟିମ ଓ ବିଶାଖାପାଟନମର ଇଷ୍ଟ କୋଷ୍ଟ ରେଲୱେ ମଧ୍ୟରେ ଏବଂ ୨ୟ ମ୍ୟାଚ ସମ୍ବଲପୁରର ଏମ ଏମ ସି ସି ଟିମ ଓ ଖଡ଼ଗପୁରର ସେର୍ଶା ଟିମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# ରାଜ୍ୟରେ ଫର୍ଟିଲାଇଜର ପ୍ଲାଂଟ ସ୍ଥାପନା ନେଇ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ଏକ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ ଉପସ୍ଥିତ ଥିଲେ । ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁଁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା। ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର ଡେଭଲପମେଂଟ ସେଂଟର ମଧ ଓଡ଼ିଶାରେ ନିଜର ପ୍ଲାଂଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ ମଧ କାମନା କରିଛନ୍ତି।

ଶୁକ୍ରବାର, ଡିସେମ୍ବର ୧୨, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାମାଜିକ ସୁରକ୍ଷାରୁ ବଂଚିତ ୬୪ ବର୍ଷ ବୟସ୍କ ଅବିବାହିତା

ଉଦଳା, ୧୧/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜ ଜିଲ୍ଲା କୁଳିଅଣା ବ୍ଲକର ଚାନ୍ଦୁଆ ପଂଚାୟତ ଅନ୍ତର୍ଗତ କଖାରୁଶୋଳ ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ସ୍ୱର୍ଗତଃ କାନ୍ଦନ ବାସ୍କେଙ୍କର ଅବିବାହିତା କନ୍ୟା 'ଚୁଡ଼ାମଣି' ସାମାଜିକ ସୁରକ୍ଷା ଯୋଜନାରେ ସରକାର ପ୍ରଦାନ କରୁଥିବା ଭତା ପାଇବାରୁ ବଂଚିତ ଥିବାର ଖବର ଆମର ହସ୍ତଗତ ହୋଇଛି । 'ଚୁଡ଼ାମଣି'ଙ୍କୁ ବର୍ତମାନ ବୟସ ୬୪ ବର୍ଷ ଛୁଇଁଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଅବିବାହିତ କନ୍ୟା ୪୦ ବର୍ଷ ବୟସରଙ୍କ ପଦାର୍ପଣ କଲେ ଭତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ଅଥଚ 'ଚୁଡ଼ାମଣି' ଙ୍କ ବୟସ ୬୪ ବର୍ଷ ଛୁଇଁଥିଲେ ମଧ ସେ ଭତା ନପାଇବା ଦୁଃଖ ଓ ପରିତାପର ବିଷୟ ବୋଲି ଅନେକ ମତ ଦେଇଛନ୍ତି । ତାଛଡ଼ା ଆଦିବାସି ଲୋକଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ସଦରମହକୁମା ବାରିପଦା ଠାରେ ରହିଛି । 'ଚୁଡ଼ାମଣି' ଜଣେ ଆଦିବାସୀ ସମ୍ପ୍ରଦାୟର ମହିଳା ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଅବିବାହିତ କନ୍ୟା ମାନଙ୍କୁ ସରକାର ଦେଖାଉଥିବା ତାଳତେନ୍ତୁଳି ସାଙ୍ଗକୁ ବାରିପଦା ଆଇ.ଟି.ଡ଼ି.ଏ.ର ଲୁଚକାଳି ଖେଳ ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହିଭଳି ଜଣେ ଗରିବ ମହିଳାଙ୍କ ପ୍ରତି ଏହା ସରକାରଙ୍କର ଉପହାସ ବୋଲି ଅନେକ ଚିତ୍ରଣ କରିଛନ୍ତି । ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାରେ ତୁରନ୍ତ ତଦନ୍ତ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଦାବି ଜଣାଇଛନ୍ତି ।



## ବୈଶିଙ୍ଗା ବନପାଳ ଅଞ୍ଚଳରେ ହାତୀପଲ: ପାଚିଲା ଧାନ ଖାଇଲେ ନଷ୍ଟ କଲେ



ବୈଶିଙ୍ଗା , ୧୧/୧୨ (ନି.ପ୍ର): ଝାଡଖଣ୍ଡ ର ଦଲମା ଅଞ୍ଚଳରୁ ପ୍ରତି ବର୍ଷ ହାତୀପଲ ଧାନ ଫସଲ ଖାଇବା ପାଇଁ ପଶ୍ଚିମବଙ୍ଗ ଦେଇ ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ପ୍ରବେଶ କରି ବେତନଟୀ ରେଞ୍ଜ ଅଞ୍ଚଳରେ ପ୍ରବେଶ କରିଥାନ୍ତି ଓଧାନ ପାଚିବା ସମୟରେ ୭୦/୮୦ ହାତୀପଲ ଦୁଇ ତିନୋଟି ଦଳରେ ବିଭିନ୍ ଅଞ୍ଚଳ ରେ ଧାନ, ପନିପରିବା ଆଦି କ୍ଷତି କରିଥାନ୍ତି । ଚଳିତ ବର୍ଷ ଗୋଟିଏ ଦଳରେ ୧୮ ଟି ହାତୀ ଗତକାଲି ନଡ ପୁର ଅଞ୍ଚଳରେ ରହିଥିଲେ । ଆଜି ଗୁରୁବାର ସନ୍ଧ୍ୟା ସମୟରେ ଏହି ହାତୀ ପଲ ୧୮ନଂ ଜାତୀୟ ରାଜପଥର ବଗଲପୁର ନିକଟ ରେ ପାରି ହୋଇ ତିଳପଦା ଜଙ୍ଗଲ ଅଞ୍ଚଳକୁ ଯାଇଥିବାର ରେଞ୍ଜ ଅଧିକାରୀ ଧୃବେନ୍ଦ୍ର ନାଥ ନାଏକ ପ୍ରକାଶ କରିଛନ୍ତି । ତାଙ୍କ ସହିତ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଚିନ୍ମୟ କୁମାର ପଣ୍ଡା, ସୁଜିତ ସେନାପତି ସମେତ ବହୁ ବ୍ୟକ୍ତି ସହଯୋଗ କରିଥିଲେ ।

## ଶିରାଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

ଖଇରା, ୧୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡିଆ ରେ ଆସନ୍ତା ୨୯ ତାରିଖରୁ ୩୧ତମ ମା ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ଜାନୁଆରୀ ୧ ତାରିଖରେ ଉଦଯାପିତ ହେବ । ଉକ୍ତ ଟୁର୍ନାମେଣ୍ଟରେ ସୋର ବ୍ଲେଣ୍ଡର୍ସ ପ୍ରାଇଡ,ବାଲେଶ୍ୱର ଏଫଏମ ୱାରିଅରସ୍,ଜେସିସି ବାସୁଦେବପୁର,କେନ୍ଦୁଝର ଚିକୁ ଚେଞ୍ଜର,ଏମସିସି ମୟୁରଭଞ୍ଜ,ଜେଡି କ୍ଲବ ହରିଚନ୍ଦନପୁର,ଇଲେଭେନ ଷ୍ଟାର ବୁଢାଗଡିଆ,ପ୍ରଗତି ସ୍ପୋର୍ଟିଂ ଭଦ୍ରକ ଭଳି ଟିମ ଅଂଶ ଗ୍ରହଣ କରିବେ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଦିନ କମିଟି ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ସଭ୍ୟ ରାଜେନ୍ଦ୍ର ସେଠୀ,ସୁଧାଂଶୁ ଶେଖର ମୁଦୁଲି,ପ୍ରହଲ୍ଲାଦ ପୃଷ୍ଟି,ଲିପୁ ଦାସ,ତନ୍ମୟ ପଣ୍ଡା,କମଳାକାନ୍ତ ପୃଷ୍ଟି,ଦେବବ୍ରତ ମୁଦୁଲି,ବବୁଲୁ ସାହୁ,ଗଣେଷ ମୁଦୁଲି,ଭାଗବାନ ପାତ୍ର,ସିପକ ମୁଦୁଲି,ଗୁରୁପଦ ମୁଦୁଲି,ଦିପକ ମୁଦୁଲି ଓ ମାନସ ମଦୁଲି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ଲାଙ୍ଗୁଡିଆଶୁଣୀଙ୍କ ପ୍ରଥମ ବାର୍ଷିକ ଯଜ୍ଞ



ଖଇରା, ୧୧/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମ ପଞ୍ଚାୟତ କେନ୍ଦୁଭଦଳୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଲାଙ୍ଗୁଡିଆଶୁଣୀଙ୍କର ପ୍ରଥମ ବାର୍ଷିକ ଯଜ୍ଞ ଓ ପୂଜୋତ୍ସବ ବୁଧବାର ଦିନ ଆଡମ୍ବରରେ ପାଳିତ ହୋଇ ଯାଇଛି । ସକାଳେ ନିର୍ମଳ ଦାସ,ଗଦାଧର ଦାସ,ଦାଶରଥି ମହାନ୍ତି,ସଞ୍ଜୟ ଦାସ,ସୂର୍ଯ୍ୟକାନ୍ତ ଦାସ,ଚନ୍ଦ୍ରକାନ୍ତ ଦାସ ଓ ନବ କିଶୋର ସାହୁଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଗ୍ରାମ ପରିକ୍ରମା କରି ମାଙ୍କ ପୀଠରେ ପହଞ୍ଚିଥିଲା । ପୂଜକ ପ୍ରହଲ୍ଲାଦ ଦେଉରୀ ଓ ଶଶିକାନ୍ତ ଦେଉରୀଙ୍କ ଦ୍ୱାରା ମାଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ନୃସିଂହ ପଣ୍ଡା,କେଶବ ପାଣି,ପିତାମ୍ବର ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପର୍ଣ୍ଣ ହୋଇଥିଲା । ଦିବସବ୍ୟାପି କାର୍ଯ୍ୟକ୍ରମକୁ ନାରାୟଣ ପ୍ରସାଦ ପେଡା, ପ୍ରଭାକର ଦାଶ,ପିତାମ୍ବର ମହାପାତ୍ର, ରତ୍ନାକର ବାରିକ, ଦାମୋଦର ସେଠୀ, କମଳାକାନ୍ତ ଦାସ, ଦୁର୍ଯୋଧନ ଦାସ,ହିମାଂଶୁ ଦାସ, ନରେଶ ଶଙ୍ଖୁଆ,ଦିଗମ୍ବର ଦାସ, କମଳାକାନ୍ତ ବାରିକ,ରବିନ୍ଦ୍ର ନାୟକ, ମୁକୁନ୍ଦ ନାୟକଙ୍କ ସମେତ କେନ୍ଦୁଭଦଳୀ ଗ୍ରାମବାସୀ ପରିଚାଳନା କରିଥିଲେ ।

## ଇଫକୋ ପାରାଦୀପ ୟୁନିଟ୍‌କୁ ଶ୍ରେଷ୍ଠ ଉତ୍ପାଦନକାରୀ ପୁରସ୍କାର

ପାରାଦୀପ, ୧୧/୧୨ (ନି.ପ୍ର): ପାରାଦୀପସ୍ଥିତ ବିଶ୍ୱର ସର୍ବ ବୃହତ୍ତ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଣ୍ଡିଆନ୍ ଫାର୍ମସ୍ କୋଅପରେଟିଭ (ଇଫକୋ) ପାରାଦୀପ ୟୁନିଟ୍‌କୁ ସର୍ବଶ୍ରେଷ୍ଠ ଉତ୍ପାଦନକାରୀ ସଂସ୍ଥା ଭାବେ ପୁରସ୍କୃତ କରାଯାଇଛି । ଫର୍ଟିଲାଇଜର ଉତ୍ପାଦନ କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ୍‌କୁ ଏହି ସଫଳତା ମିଳିଛି । ଫର୍ଟିଲାଇଜର ବିଭାଗ ସଚୀବ ରଜତ କୁମାର ମିଶ୍ରଙ୍କ ଠାରୁ ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଫର୍ଟିଲାଇଜର ଆସୋସିଏସନ୍ ଅଫ ଇଣ୍ଡିଆ (ଏଫଏଆଇ) ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଏଫଏଆଇର ମହା ନିର୍ଦ୍ଦେଶକ ଡ. ସୁରେଶ କୁମାର ଚୌଧୁରୀ, ଅଧ୍ୟକ୍ଷ ଏସ. ଶଙ୍କରସୁବ୍ରମନିଆନ୍, ଯୁଗ୍ମ ଅଧ୍ୟକ୍ଷ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଇଫକୋ ଭାରତୀୟ ସାର ଉତ୍ପାଦନ କ୍ଷେତ୍ରରେ ଏହାର ଶ୍ରେଷ୍ଠତା ପ୍ରମାଣିତ କରି ସାରିଛି । ଦେଶର କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ଇଫକୋ କର୍ତ୍ତୃପକ୍ଷ ସଦା ତତ୍ପର । ଇଫକୋର ସାର ଉତ୍ପାଦନ ସହିତ ଇଫକୋ ନାନୋ ଫର୍ଟିଲାଇଜର ଉତ୍ପାଦନ କରି କୃଷକମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି । ଏହାଦ୍ୱାରା କୃଷକମାନେ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରି ପାରୁଛନ୍ତି । ମାଟି ଓ ପରିବେଶରେ ପ୍ରଦୂଷଣର ମାତ୍ରା କମିଯିବା ସହିତ ଇଫକୋ ଏକ ମାଇଲଖୁଣ୍ଟ ହୋଇପାରିଛି ।




## ମତଦାନ କେନ୍ଦ୍ର ସୁବ୍ୟବସ୍ଥା କରଣ ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ଦଳ ବୈଠକ

ଖୋର୍ଦ୍ଧା , ୧୧/୧୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ୧ ଗୋଟି ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ୮ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସାବ୍ୟସ୍ତ କେନ୍ଦ୍ର ତଥା ଭୋଟ ଦାନ କେନ୍ଦ୍ର ଗୁଡ଼ିକର ସୁବ୍ୟବସ୍ଥା କରଣ କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ମାନଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ବିଜୁ ଜନତା ଦଳ, ଜିଲ୍ଲା ଉପସଭାପତି ଉମାକାନ୍ତ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସ ଜିଲ୍ଲା ଉପସଭାପତି ସୌମ୍ୟ ପଟ୍ଟନାୟକ,ସି ପି ଆଇ (ଏମ)ର କର୍ମକର୍ତ୍ତା ଅନନ୍ତ ମଙ୍ଗରାଜ, ଭାରତୀୟ ଜନତା ପାର୍ଟି ର ବଦ୍ରି ନାରାୟଣ ଦାସ ,ଆମ ଆଦମୀ ପାର୍ଟି ର ପ୍ରଶାନ୍ତ କୁମାର ରଣସିଂହ,ବି ଯେ ଡି ର ସୂର୍ଯ୍ୟ କାନ୍ତ ବେହେରା , ଡେପୁଟି କଲେକ୍ଟର, ନିର୍ବାଚନ,ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟାଳୟ ବରିଷ୍ଠ ସହାୟିକା ସାଗରିକା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି କହିଲେ ଯେ ନୂତନ ଭାବେ କରାଯାଇଥିବା ଭୋଟ କେନ୍ଦ୍ର ଓ ସ୍ଥାନାନ୍ତର ହୋଇଥିବା ଭୋଟ କେନ୍ଦ୍ର ଗୁଡ଼ିକ ଲୋକମାନେ ଜାଣିବା ପାଇଁ ସମସ୍ତ ରାଜନୈତିକ ଦଳ ସେମାନେ ତାଙ୍କର ପ୍ରତିନିଧି ପଠାଇ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ପୂର୍ବ ସାଧାରଣ ନିର୍ବାଚନ ସମୟରେ ୧୯୬୧ ମତଦାନ କେନ୍ଦ୍ର ଥିବାବେଳେ ଭାରତର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସମ୍ପ୍ରସାରଣ ହୋଇ ୨୦୨୫ ମସିହାରେ ୨୪୩୪ ମତଦାନ କେନ୍ଦ୍ର ସ୍ଥିରିକରଣ କରାଯାଇଛି । ୧୧୧ ଜୟଦେବ ବିଧାନ ସଭା ନିର୍ବାଚନ ମଣ୍ଡଳୀ ରେ ପୂର୍ବ ମତଦାନ କେନ୍ଦ୍ର ୨୩୬ ଥିବାବେଳେ ନୂତନ ଭାବେ ୧୫ ଗୋଟି ମତଦାନ କେନ୍ଦ୍ର କରାଯାଇ ମୋଟ ୨୫୧ ମତଦାନକେନ୍ଦ୍ର ହୋଇଅଛି କ୍ଷ ସେହିପରି ୧୧୨ ଭୁବନେଶ୍ୱର ମଧ ପୂର୍ବରୁ ୨୦୨ ଥିବାବେଳେ ନୂତନ ଭାବେ ୧୭ ଗୋଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୨୧୯, ୧୧୩ଭୁବନେଶ୍ୱର ଉତ୍ତର ୨୬୯ ଥିବାବେଳେ ୩ ଗୋଟି ସ୍ଥାନାନ୍ତର ଓ ୮୭ ଗୋଟି ନୂତନ ମତଦାନ କେନ୍ଦ୍ର କୁ ନେଇ ମୋଟ ୩୫୬ ଗୋଟି,୧୧୪ ଏକାମ୍ର ଭୁବନେଶ୍ୱର ପୂର୍ବରୁ ୨୪୮ ଥିବା ବେଳେ ୨୮ ବୃଦ୍ଧି ହୋଇ ୨୭୬ ଗୋଟି,୧୧୫ ଜଟଣୀ ପୂର୍ବରୁ ୨୬୨ ଥିବାବେଳେ ୮୪ ଗୋଟି ବୃଦ୍ଧି କରାଯାଇ ୨୪୬ ଗୋଟି,୧୧୬ ବେଗୁନିଆ ପୂର୍ବରୁ ୨୩୯ ଥିବାବେଳେ ୪ ଗୋଟି ସ୍ଥାନାନ୍ତର କେନ୍ଦ୍ରକୁ ଓ ୬୭ ବୃଦ୍ଧି କେନ୍ଦ୍ରକୁ ନେଇ ମୋଟ୩୦୭ ମତଦାନ କେନ୍ଦ୍ର,୧୧୭ ଖୋର୍ଦ୍ଧା ପୂର୍ବରୁ ୨୪୮ କେନ୍ଦ୍ର ଥିବାବେଳେ ୧୧ଗୋଟି ସ୍ଥାନାନ୍ତର ଓ ୯୧ ଗୋଟି ନୂତନ କେନ୍ଦ୍ରକୁ ନେଇ ମୋଟ ୩୪୮ ଏବଂ ୧୧୮ ଚିଲିକା ପୂର୍ବରୁ ୨୪୮ ଥିବାବେଳେ ୧ ଗୋଟି ସ୍ଥାନାନ୍ତର ଓ ୮୪ ଗୋଟିଁ ନୂତନ କେନ୍ଦ୍ରକୁ ନେଇ ମୋଟ ୩୩୨ ଗୋଟି ମତଦାନ କେନ୍ଦ୍ର କରାଯାଇଅଛି । ବିସ୍ତୃତ ଭାବେ ସୂଚନା ମୁତାବକ ପୂର୍ବରୁ ଜିଲ୍ଲାରେ ୧୯୬୧ ଗୋଟି ବୁଥ ଥିବା ବେଳେ ସ୍ଥାନାନ୍ତର ମତଦାନ କେନ୍ଦ୍ର ୧୯ ଓ ନୂତନ ମତଦାନ କେନ୍ଦ୍ର ୪୭୩ ଗୋଟିଏ ନେଇ ମୋଟ ୨୦୨୫ ମସିହାରେ ଜିଲ୍ଲାରେ ୨୪୩୪ ଗୋଟି ମତଦାନ କେନ୍ଦ୍ର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସ୍ଥିରୀକୃତ ହୋଇଅଛି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ବାରିପଦା , ୧୧/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କ୍ୟାରିଅର୍ କାଉନସେଲିଂ ସେଲ୍ ଦ୍ୱାରା 'ଛତୁ ଉତ୍ପାଦନ ଏବଂ ଚାଷ ପ୍ରଣାଳୀ' ଶୀର୍ଷକ ଏକ ସପ୍ତାହ ବ୍ୟାପୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍?ଘାଟିତ ହୋଇଯାଇଛି । ଏହି କାର୍ଯକ୍ରମ ଆଗାମୀ ଡିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଏହି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କର କ୍ୟାରିଅର୍ ଗଠନରେ ସହାୟକ ହେବ ଏବଂ ଏହା ସେମାନଙ୍କୁ କୃଷି ଉଦ୍ୟୋଗୀତା ଓ ସ୍ୱନିର୍ଭରଶୀଳତା ଦିଗରେ ପ୍ରୋତ୍ସାହିତ କରିବ ବୋଲି କହିବା ସହିତ ଏହି ପ୍ରକାରର ଦକ୍ଷତା ଭିତ୍ତିକ କାର୍ଯ୍ୟକ୍ରମ ମାଧମରେ ଯୁବକମାନଙ୍କୁ ରୋଜଗାରଯୋଗ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓୟୁଏଟିର ପ୍ଲାଣ୍ଟ ପାଥୋଲୋଜିର ପୂର୍ବତନ ପ୍ରଫେସର ପ୍ର. କେ.ବି. ମହାପାତ୍ର କହିଥିଲେ ଯେ 'ଛତୁ ଚାଷ ଏକ ଲାଭଜନକ ଓ କମ୍ ଖର୍ଚ୍ଚରେ ହେଉଥିବା କୃଷି ବ୍ୟବସାୟ ଯାହାକୁ ଯୁବପିଢ଼ି ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବେ, ଏହି ପ୍ରକାରର ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ଏକ ଅଗ୍ରଣୀ ଉଦ୍ୟମ ଏବଂ ଏହା ଓଡ଼ିଶାରେ ଛତୁ ଚାଷକୁ ପ୍ରୋତ୍ସାହିତ କରିବ ସହ ଯୁବକମାନଙ୍କୁ ନୂଆ ରୋଜଗାରର ମାର୍ଗ ଦେଖାଇବ । ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାଏକ ନିଜ ବକ୍ତବ୍ୟରେ କ୍ୟାରିଅର୍ କାଉନସେଲିଂ ସେଲ୍‌ର ଏହି ଉଦ୍ୟମ ପିଏମ୍ ଉଷାର ମୁଖ୍ୟ ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସଂଗତିପୂର୍ଣ୍ଣ ଏବଂ ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଦକ୍ଷତା ପ୍ରଦାନ କରି ସେମାନଙ୍କର ରୋଜଗାର ସମ୍ଭାବନା ବଢ଼ାଇବ ବୋଲି କହିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ତଥା କ୍ୟାରିଅର୍ କାଉନସେଲିଂ ସେଲ୍ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ କହିଥିଲେ ଯେ ଏହି ପ୍ରଶିକ୍ଷଣରେ ଛତୁର ଜୀବବିଜ୍ଞାନ, ଚିହ୍ନଟ, ଚାଷ ପ୍ରଣାଳୀ, ସ୍ପନ୍ ଉତ୍ପାଦନ, ବ୍ୟବସାୟିକ ସୁଯୋଗ ଓ ମୂଲ୍ୟ ସଂଯୋଜନ ଉତ୍ପାଦ ବିଷୟରେ ତତ୍ତ୍ୱ ଓ ବ୍ୟବହାରିକ ଉଭୟ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି ଏବଂ କ୍ଷେତ୍ର ପରିଦର୍ଶନ ମଧ ଆୟୋଜନ କରାଯିବ । ଏହା ଛାତ୍ରଛାତ୍ରୀମାନଙ୍କୁ ସିଧାସଳଖ ରୋଜଗାର ସହ ଯୋଡ଼ିବ ଏବଂ ସେମାନଙ୍କର ଉଦ୍ୟୋଗୀ ମାନସିକତା ଗଢ଼ି ତୋଳିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ, ଆରଡିଏସ୍ ଡିଗ୍ରୀ କଲେଜ, ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆ, ବାରିପଦା କଲେଜ, ଏମ୍‌ପିସି କଲେଜ ଆଦି ଅନୁଷ୍ଠାନର ବିଭିନ୍ନ ବିଭାଗର ୪୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ସମାରୋହରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

## ନିଜ ରୋଜଗାରରେ ପାଠ ପଢ଼ିବେ ମହିଳା ମହାବିଦ୍ୟାଳୟ ଛାତ୍ରୀ : ଅଧ୍ୟକ୍ଷ

ଉଦଳା, ୧୧/୧୨ (ନି.ପ୍ର): ଉଦଳା ସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନେ ଏଣିକି ପଇସା ରୋଜଗାର କରିବା ସହିତ ନିଜ ପାଠପଢ଼ାଖର୍ଚ୍ଚ ନିଜେ ବହନ କରିବେ ବୋଲି ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ କହିଛନ୍ତି । ଏଥିପାଇଁ ସରକାରଙ୍କର ଜନଶିକ୍ଷଣ ସଂସ୍ଥା (ସ୍କିଲ ଇଣ୍ଡିଆ) ଦ୍ୱାରା ମହାବିଦ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅଧ୍ୟକ୍ଷ ଶଶିଭୂଷଣ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବକ୍ତବ୍ୟ ମାଧ୍ୟମରେ ଏପରି କହିଥିବାର ଜଣାଯାଇଛି । ବର୍ତମାନ ଛାତ୍ରୀ ମାନଙ୍କୁ 'ବିୟୁଟି ପାର୍ଲର' ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆଗାମି ଦିନରେ 'ଡ୍ରାଇଭିଂ' ଓ 'ଟେଲରିଂ' ତାଲିମ ଦିଆଯିବ ବୋଲି କୁହାଯାଇଛି । ମିସ ରୋଜାଲିନ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରୁଛନ୍ତି । ନିଜେ ପଇସା ରୋଜଗାର କରି ନିଜର ପାଠପଢ଼ା ଖର୍ଚ୍ଚ ଛାତ୍ରୀମାନେ ଉଠାଇ ପାରିଲେ ଉକ୍ତ ତାଲିମ ସଫଳ ହେଲା ବୋଲି ଆମେ ଜାଣିବୁ କାର୍ଯ୍ୟରତ ଅଧ୍ୟାପକ ଅଧ୍ୟାପିକା ମାନେ ବ୍ୟକ୍ତ କରିଛନ୍ତି । ଅଧ୍ୟାପିକା ସୁଧାରାଣି ବେହେରା ଆଜିର ଉଦ୍‌ଘାଟନ ଉତ୍ସବର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




## ମାଟି ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର ୧ ଜେସିବି ଜବତ

ବସ୍ତା , ୧୧/୧୨ (ନି.ପ୍ର): ଘରୋଇ ଚାଷ ଜମିରୁ ବେଆଇନ ଭାବେ ମାଟି ଖନନ କରୁଥିବା ବେଳେ ଗୋଟିଏ ଜେସିବି ଏବଂ ଦୁଇଟି ଟ୍ରାକ୍ଟର ଜବତ କଲା ଜୁନିୟର ଖଣି ବିଭାଗ,ଖଣି ବିଭାଗ ଅଧିକାରୀଙ୍କୁ ଅଟକ ରଖିଲେ ମାଟି ମାଫିଆ ଉଦ୍ଧାର କଲା ପୋଲିସ୍,ଗାଡ଼ି ଛାଡ଼ି ଚାଳକ ଫେରାର, ସୂଚନା ଅନୁଯାୟୀ ବସ୍ତା ଥାନା ପୁରୁଷୋତ୍ତମପୁର ଗ୍ରାମର ଏକ ଘରୋଇ ଜମିରୁ ବେଆଇନ ଭାବରେ ଜେସିବି ଏବଂ ଟ୍ରାକ୍ଟର ସାହାଯ୍ୟରେ ମାଟି ଖୋଳି ପଡୋଶୀ ମୟୁରଭଞ୍ଜକୁ ଚାଲାଣ ହେଉଥିବା ବେଳେ ଅଭିଯୋଗ ପାଇ ବସ୍ତା ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଏବଂ ଜଳେଶ୍ୱର ଖଣି ଅଧିକାରୀ ତାପସ କୁମାର ବେହେରା ପହଞ୍ଚି ଟ୍ରାକ୍ଟର ଏବଂ ଜେସିବି ସଦ୍ଧ କରିଥିଲେ,ଫଳରେ ମାଟି ମାଫିଆ ମାନେ ଉଭୟ ଖଣି ଅଧିକାରୀଙ୍କୁ ଅଟକ ରଖିଥିଲେ,ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା,ଖବର ପାଇ ବସ୍ତା ପୋଲିସ ପହଞ୍ଚି ଉଭୟ ଖଣି ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଟ୍ରାକ୍ଟର ଏବଂ ଜେସିବି ଜବଦ କରିଛନ୍ତି,ଘଟଣା ସ୍ଥଳରେ ମାଫିଆଙ୍କ ସହିତ ସମସ୍ତ ଗାଡ଼ିର ଚାଳକ ଫେରାର ହୋଇଯାଇଥିଲେ।

## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida